ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୯ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 29 SEPTEMBER 2022

Vol.No. 32 ■ No. 254 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଶକ୍ତି ପ୍ରଦର୍ଶନ କରିବେ ବିଜେପି-ବିଜେଡି



ଭୁବନେଶ୍ୱର, ୨୮/୯(ନି.ପ୍ର): କାଲି ଭୁବନେଶ୍ୱରରେ ବିଜେପି ଓ ବିଜେଡି ପାୱାର ଶୋ' କରିବେ । ଜନତା ମଇଦାନରେ ବିଜେପି ପ୍ରତିନିଧି ସମ୍ମିଳନୀ କରିବ ଆଉ ସେପଟେ ବରମୁଣ୍ଡା ପଡିଆରେ ପଦଯାତ୍ରା ପ୍ରସ୍ତୁତି ପାଇଁ ସମ୍ମିଳନୀ କରିବ ବିଜେଡି । ଗୋଟିଏ ପଟେ ବିଜେପି ପଞ୍ଚାୟତ ସ୍ତରୀୟ ନେତାଙ୍କୁ ନେଇ ସମ୍ମୀଳନୀ କରିବ, ଆଉ ଗୋଟିଏ ପଟେ ବିଜେଡି ପଦଯାତ୍ରା ପ୍ରସ୍ତୁତି ପାଇଁ ପ୍ରତିନିଧି ସମ୍ମିଳନୀ କରିବ । ମାତ୍ର କିଛି କିଲୋମିଟର ବ୍ୟବଧାନରେ ଦୁଇ ରାଜନୈତିକ ଦଳ ନିଜ ନିଜର ଶକ୍ତି ପ୍ରଦର୍ଶନ କରିବେ । ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ସଭାପତି ଦାୟିତ୍ୱ ନେବା ପରେ ପ୍ରଥମ ଥର ପାଇଁ ଓଡିଶା ଆସୁଛନ୍ତି ଜେପି ନଡ୍ଡା । ନଡ୍ଡାଙ୍କୁ ସ୍ୱାଗତ କରିବା ପାଇଁ ବିଜେପି ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଇଛି । ଏଥିସହ ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ପଞ୍ଚାୟତସ୍ତରୀୟ ନେତାଙ୍କ ସମ୍ମିଳନୀକୁ ସଫଳ କରିବାକୁ ପୂରା ପ୍ରସ୍ତୁତି କରିଛି ବିଜେପି । ଏହି ସମ୍ମିଳନୀରେ ନଡ୍ଡା ପଞ୍ଚାୟତ ସ୍ତରୀୟ ନେତାଙ୍କୁ ଗୁରୁମନ୍ତ୍ର ଦେବେ । ତା ପରେ ବିଧାୟକ, ସାଂସଦ ଓ ଅନ୍ୟ ନେତାମାନଙ୍କ ସହ ୨୦୨୪ ନିର୍ବାଚନ ନେଇ ଆଲୋଚନା କରିବେ । ନଡ୍ଡାଙ୍କ ଗସ୍ତକୁ ନେଇ ବେଶ ଉତ୍ସାହିତ ଅଛି ରାଜ୍ୟ ବିଜେପି । ନଡ୍ଡାଙ୍କ ଗସ୍ତ ରାଜ୍ୟ ବିଜେପିକୁ ଶକ୍ତି ଯୋଗାଇବ ବୋଲି କହିଛନ୍ତି ସଭାପତି ସମୀର ମହାନ୍ତି । ବିଜେପି ଓଡିଶାରେ ପୁଣି ମିଶନ ୧୨୦ ନେଇ ୨୦୨୪ ନିର୍ବାଚନକୁ ଓହ୍ଲାଇବ ବୋଲି କହିଛନ୍ତି ପ୍ରଦୀପ ପୂରୋହିତ । ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଥିବା ପଦଯାତ୍ରାର ପ୍ରସ୍ତୁତି ପାଇଁ ବରମୁଣ୍ଡା ପଡିଆରେ ୨୯ ଓ ୩୦ ତାରିଖରେ ଦୁଇ ଦିନିଆ ପ୍ରତିନିଧି ସମ୍ମିଳନୀର ଆୟୋଜନ କରିଛି ବିଜେଡି । ଦୁଇ ଦିନରେ ପଦଯାତ୍ରାର ପ୍ରସ୍ତୁତି ଓ ପଦଯାତ୍ରା ସମୟରେ କେଉଁ ପ୍ରସଙ୍ଗ ଲୋକଙ୍କ ନିକଟରେ ପହଁଚାଯିବ, ସେ ନେଇ ଛାମୁଆ ସଂଗଠନର ନେତାଙ୍କୁ ମନ୍ତ୍ର ଦିଆଯିବ । ତେବେ ଗୋଟିଏ ଦିନରେ ବଜେଡି ଓ ବିଜେପି ସମ୍ମିଳନୀ କରିବା ପଛର କାରଣ କଣ, ତାର ଉତ୍ତର ମିଳିନାହିଁ । ହେଲେ, ଚର୍ଚ୍ଚା ହେଉଛି ଦଳୀୟ କର୍ମୀଙ୍କ ମନୋବଳକୁ ଉତ୍ସାହିତ କରିବା ପାଇଁ ଓ ଶକ୍ତି ପ୍ରଦର୍ଶନ କରିବାକୁ ଗୋଟିଏ ଦିନକୁ ବାଛିଛନ୍ତି ଦୁଇ ଦଳ ।

ଭାରତର ନୂଆ ସିଡିଏସ ହେଲେ ଲେଫ୍ଟନାଣ୍ଟ ଜେନେରାଲ ଅନୀଲ ଚୌହାନ

ନୂଆଦିଲ୍ଲୀ, ୨୮/୯ : ଅବସରପ୍ରାପ୍ତ ଲେଫଟ୍ଟେନାଂଟ ଜେନେରାଲ ଅନିଲ ଚୌହ୍ୱାନଙ୍କୁ ନୂଆ ଚିଫ୍ ଡିଫେନ୍ସ ଷ୍ଟାଫ୍ ନିଯୁକ୍ତ କରାଯାଇଛି । ସିଡିଏସ୍ ସହ ସେ ସାମରିକ ବିଭାଗ ସଚିବ ପଦ ସମ୍ଭାଳିବେ । ସେ ସିଧାସଳଖ ଭାବେ ସାମରିକ ମନ୍ତ୍ରଣାଳୟ ବିଭାଗକୁ ରିପୋର୍ଟ କରିବେ । ଗତ ଡିସେମ୍ବରରେ ହେଲିକ୍ୟାପ୍ଟର ଦୁର୍ଘଟଣା ପରେ ସିଡିଏସ୍ ଜେନେରାଲ ବିପିନ ରାୱତଙ୍କ ମୃତ୍ୟୁ ହୋଇଥିଲା । ପାୟ ୯ ମାସ ପରେ ସିଡିଏସ ପଦବୀ ପୂରଣ ହୋଇଛି । ଜେନେରାଲ ଚୌହ୍ୱାନ ମେ ୧୮ ୧୯୬୧ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ୧୯୮୧ରେ ଭାରତୀୟ ସେନାର ୧୧ ଗୋର୍ଖା ରାଇଫଲରେ ଯୋଗଦେଇଥିଲେ । ପରେ ତାଙ୍କୁ ପୂର୍ବ ଆର୍ମି କମାଣ୍ଡ ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିଲା । ସେ ଗତ ମେ ୨୦୨୧ ରେ ସେନାରୁ ଅବସର ନେଇଥିଲେ ।

୧ରୁ ଉପକୂଳରେ ବର୍ଷିବ

ଭୁବନେଶ୍ୱର, ୨୮/୯(ନି.ପ୍ର): ଆସନ୍ତା ୧ ଅକ୍ଟୋବର ବେଳକୁ ଉତର-ପୂର୍ବ ତତସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳକୁ ଏକ ଘୂର୍ଣ୍ଣିବଳୟ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧ ତାରିଖ ବେଳକୁ ଉତର-ଉପକୂଳରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ସେହିପରି ୨ ତାରିଖକୁ ବର୍ଷାର ବିସ୍ତୃତି ବଢିବ। ଫଳରେ ସମ୍ପୂର୍ଣ୍ଣ ଉପକୂଳ ଓଡିଶା ପ୍ରଭାବିତ ହେବ। ଏହା ବ୍ୟତୀତ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ।ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜାରି ହୋଇଥିବା ସତର୍କ ସୂଚନା ମୁତାବକ ଆସନ୍ତା ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଂଜ, ଦେବଗଡ, ବାଲେଶ୍ୱର, ଭଦ୍ରକ ପ୍ରଭୃତି ଜିଲ୍ଲାଗୁଡ଼ିକର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା/ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୩୦ ତାରିଖ ପାଇଁ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଂଜ, ଗଜପତି, କୋରପୁଟ, କନ୍ଧମାଳ ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

୫ ବର୍ଷ ପାଇଁ ବ୍ୟାନ ହେଲା ପିଏଫ୍‌ଆଇ : କରୁଥିଲେ ଦେଶବିରୋଧି କାର୍ଯ୍ୟ

ନୂଆଦିଲ୍ଲୀ, ୨୮/୯ : ଗୋଟିଏ ସପ୍ତାହ ହେଲା ଦୁଇଟି ପର୍ଯ୍ୟାୟରେ ଦେଶବ୍ୟାପି ଚଢାଉ କରି ପପୁଲାର ଫ୍ରଂଟ୍ ଅଫ୍ ଇଣ୍ଡିଆର ୨୪୦ରୁ ଅଧିକ ନେତା ଏବଂ କର୍ମକର୍ତାଙ୍କୁ ଗିରଫ କରିବା ପରେ କେନ୍ଦ୍ର ସରକାର ଏହି ମୁସଲିମ୍ ରାଜନୈତିକ ଦଳକୁ ୫ ବର୍ଷ ପାଇଁ ବ୍ୟାନ୍ କରିଛନ୍ତି । ଆତଙ୍କବାଦୀ ଲିଙ୍କ୍ ତଥା ଦେଶବିରୋଧୀ କାର୍ଯ୍ୟ ଅଭିଯୋଗରେ ପିଏଫଆଇ ଏବଂ ଏହା ସହ ସହବନ୍ଧିତ ୮ ସଙ୍ଗଠନକୁ ବ୍ୟାନ କରିଛନ୍ତି କେନ୍ଦ୍ର ସରକାର । ଷ୍ଟୁଡେଂଟ୍ ଇସଲାମିକ୍ ମୁଭମେଂଟ ଅଫ୍ ଇଣ୍ଡିଆ, ଜମାତ-ଉଲ-ମୁଜାହିଦିନ ବାଂଲାଦେଶ ଏବଂ ଆଇଏସ୍‌ଆଇଏସ୍ ଭଳି ଆତଙ୍କବାଦୀ ସଙ୍ଗଠନ ସହ ପିଏଫଆଇ ଜଡିତ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ଏହି ସଙ୍ଗଠନଗୁଡିକଠାରୁ ଆର୍ଥିକ ସହାୟତା ପାଇବା ସହ ତାଙ୍କ ଚିନ୍ତାଧାରାରେ ପିଏଫଆଇ କାର୍ଯ୍ୟ କରୁଥିଲା, ଯାହା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିଲା ବୋଲି ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ତେବେ ସରକାରଙ୍କ ଏଭଳି ପଦକ୍ଷେପ ପରେ ଦେଶରେ ବିଭିନ୍ନ ସ୍ଥାନରେ ଏହାକୁ ବିରୋଧ କରାଯାଇଛି । ପିଏଫଆଇ ନେତା ଏବଂ କର୍ମକର୍ତାମାନେ ଆତଙ୍କବାଦୀ ସଙ୍ଗଠନମାନଙ୍କର ଗୁପ୍ତ ଏଜେଣ୍ଡାରେ କାର୍ଯ୍ୟ କରୁଥିବା ►►ପୃଷ୍ଠା ୭

ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ମାମଲାରେ ପରିବହନ ବିଭାଗକୁ ଜବାବ ତଲବ କଲେ ହାଇକୋର୍ଟ

ଭୁବନେଶ୍ୱର, ୨୮/୯(ନି.ପ୍ର): ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ମାମଲାକୁ ନେଇ ପରିବହନ ବିଭାଗ ଠାରୁ ଜବାବ ମାଗିଛନ୍ତି ହାଇକୋର୍ଟ। ମାମଲାରେ ହାଇକୋର୍ଟ ହସ୍ତକ୍ଷେପ କରି ଭିତିଭୂମି ନଥାଇ ଡେଡଲାଇନ କିଭଳି ଦିଆଗଲା ବୋଲି ପଚାରିଛନ୍ତି। ସେହିପରି ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ପାଇଁ ସମୟସୀମା ବୃଦ୍ଧି କରିହେବ କି ନାହିଁ ସେ ବିଷୟରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ସୂଚନା ଅନୁଯାୟୀ ଆସନ୍ତା ଅକ୍ଟୋବର ୧ ତାରିଖରୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଚେକିଂ କଡାକଡି କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ନୂଆ ନମ୍ବର ପ୍ଲେଟ୍ କରିବା ପାଇଁ ବହୁ ସଂଖ୍ୟାରେ ଲୋକ ଓ୍ୱେଟିଂରେ ରହିଛନ୍ତି। ସେହିପରି ଦୁଇଦିନ ତଳେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲାଗି ଆବେଦନ କରିଥିବା ଲୋକେ ରସିଦ୍ ଦେଖାଇ ଜରିମାନାରୁ ବର୍ତି ପାରିବେ ବୋଲି ସ୍ପଷ୍ଟ କରିଛନ୍ତି ରାଜ୍ୟ ପରିବହନ କର୍ତୃପକ୍ଷ। ଏହା ସତ୍ତ୍ୱେ ରେଜିଷ୍ଟ୍ରେସନ୍ କରିବାପାଇଁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି ହାଇକୋର୍ଟ।

୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର, ୨୮/୯(ନି.ପ୍ର): ରାଜଧାନୀ ଉପକଣ୍ଠରୁ ଏକ କୋଟିରୁ ଅଧିକ ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି। ଏହି ମାମଲାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ଫରେଷ୍ଟ ପାର୍କ ଅଂଚଳର ଉମେଶ ବେହେରା(୨୪)। ସେ ଏକ ହୋଣ୍ଡା କାର୍(ଓଡି୦୨ବିଏଚ୭୬୯୫)ରେ ବ୍ରାଉନସୁଗାର ବିକ୍ରି କରିବା ଉଦ୍ଦେଶ୍ୟରେ ଆଣି ଆସୁଥିଲେ। ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ଓ ଜଟଣୀ ରୋଡ୍ ରେ ଚଢ଼ାଉ କରି ଏସ୍ ଟିଏଫ୍ ଓ କମିଶନରେଟ୍ ପୋଲିସର ମିଳିତ ଟିମ୍ ଏହି ବ୍ୟକ୍ତିକୁ ଗିରଫ କରିଛି। ଉମେଶଙ୍କ ନିକଟରୁ ପ୍ରାୟ ୧ କିଲୋ ୫୦ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାସହ ଉକ୍ତ କାର୍ କୁ ଜବତ କରାଯାଇଛି। ଗତକାଲି ଏ ଚଢ଼ାଉ କରାଯାଇଥିବା ସମ୍ପର୍କରେ ଏସ୍‌ଟିଏଫ୍ ଆଜି ସୂଚନା ଦେଇଛି। ଗିରଫ ଉମେଶଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି, ଗତକାଲି ସନ୍ଧ୍ୟାରେ ଏକ କାରରେ ବ୍ରାଉନସୁଗାର ନେଇ କିଛି ବ୍ୟକ୍ତି ଜଟଣୀରୁ ଭୁବନେଶ୍ୱର ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଏବଂ ଚଢ଼ାଉ କରାଯାଇଥିଲା। ସୁନ୍ଦରପଦା-ଜଟଣୀ ରାସ୍ତାର ହାଇଟେକ୍ ପ୍ଲାଜା ଠାରେ ଏକ କାରକୁ ପୋଲିସ ଅଟକାଇଥିଲା। ହେଲେ କାର ଚଳାଉଥିବା ଚାଳକ ତଥା ଗାଡ଼ି ମାଲିକ କୌଶଳ କ୍ରମେ ଘଟଣାସ୍ଥଳରୁ ଖସି ପଳାଇଥିଲା। ତେବେ କାରରେ ଥିବା ଅନ୍ୟଜଣେ ବ୍ୟକ୍ତି ଉମେଶଙ୍କୁ ପୁଲିସ କାବୁ କରି ନେଇଥିଲା।

ଆସନ୍ତାକାଲି ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବେ ଜେପି ନଡ୍ଡା

ଭୁବନେଶ୍ୱର, ୨୮/୯(ନି.ପ୍ର): ଆସନ୍ତାକାଲି (ଗୁରୁବାର) ଦିନ ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା । ଦୁଇ ଦିନିଆ ଗସ୍ତ ଅବସରରେ ଶ୍ରୀ ନଡ୍ଡା ରାଜ୍ୟର ସମସ୍ତ ଶକ୍ତିକେନ୍ଦ୍ର ଓ ମୋର୍ଚ୍ଚାର ଜିଲ୍ଲାସ୍ତରୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ । ଶ୍ରୀ ନଡ୍ଡା ୨୯ ତାରିଖ ଦିନ ୧୦ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଁଚିବା ପରେ ଏକ ଶୋଭାଯାତ୍ରାରେ ସିଧାସଳଖ ରାଜ୍ୟ କାର୍ଯ୍ୟାଳୟକୁ ଆସିବେ । ଏହାପରେ ଦିନ ୧୧ଘଟିକାରେ ଜନତା ମଇଦାନରେ ଓଡିଶାର ପ୍ରତ୍ୟେକ ଶକ୍ତିକେନ୍ଦ୍ରର ପ୍ରମୁଖମାନଙ୍କୁ ନେଇ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକର୍ତା ସମ୍ମଳନୀରେ ଯୋଗଦେବେ। ଏହା ପରେ ଶ୍ରୀ ନଡ୍ଡା ରାଜ୍ୟର ସମସ୍ତ ସାଂସଦ, ବିଧାୟକ, ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀମାନଙ୍କ ସହ ଆଲୋଚନା କରିବା ପରେ ସଂଧ୍ୟାରେ ପୁରୀ ଗସ୍ତ କରି ରାତ୍ରୀଯାପନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଦ୍ୱିତୀୟ ଦିନରେ ଶ୍ରୀ ନଡ୍ଡା ୩୦ ତାରିଖ ସକାଳେ ପୁରୀଠାରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଦର୍ଶନ କରିବେ । ଏହାପରେ ଶ୍ରୀ ନଡ୍ଡା ଭଦ୍ରକ ଜିଲ୍ଲା ତିହିଡି ଗସ୍ତ କରି ଦିବଂଗତ ବିରୋଧୀ ଦଳ ଉପନେତା ସ୍ୱର୍ଗତଃ ବିଷ୍ଣୁ ସେଠୀଙ୍କ ପରିବାରକୁ ଭେଟି ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେବେ । ଭୁବନେଶ୍ୱର ପ୍ରତ୍ୟାବର୍ତନ କରି ଶ୍ରୀ ନଡ୍ଡା ପାର୍ଟୀର ସମସ୍ତ ୭ ଟି ମୋର୍ଚ୍ଚାର ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତାଙ୍କୁ ସମ୍ବୋଧନ କରିବେ । ୩୦ ତାରିଖ ସଂଧ୍ୟାରେ ସେ ଦିଲ୍ଲୀ ପ୍ରତ୍ୟାବର୍ତନ କରିବେ।

ପ୍ରତିରକ୍ଷା ବିଭାଗର ପରୀକ୍ଷା ଗୋଳା ମାଡ଼ରେ ମତ୍ସ୍ୟଜୀବୀ ମୃତ

ବାଲେଶ୍ୱର,୨୮/୯(ନି.ପ୍ର): ସମୁଦ୍ରରେ ମାଛ ଧରୁଥିବା ବେଳେ ଚାନ୍ଦିପୁର ପ୍ରତିରକ୍ଷା ବିଭାଗର ପରୀକ୍ଷା ଗୋଳା ମାଡ଼ରେ ଜଣେ ମତ୍ସ୍ୟଜୀବୀଙ୍କର ବୁଧବାର ପୂର୍ବାହ୍ନରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ ବ୍ୟକ୍ତି ଜଣକ ହେଲେ ସିଂଲା ଥାନା ଅନ୍ତର୍ଗତ ସାର୍ଥା ବିନ୍ଦାଘୋଳା ଅଞ୍ଚଳର ଆଶିଷ କୁମାର ମାଝୀଙ୍କ ପୁତ୍ର କମଳାକାନ୍ତ ମାଝୀ(୩୫)। ଗୁରୁତର ମତ୍ସ୍ୟଜୀବୀ ହେଲେ ବିନ୍ଧାଧର ମଲିକଙ୍କ ପୁତ୍ର ପଦ୍ମଲୋଚନ ମଲିକ (୨୮)। ଗତକାଲି ଭୁଟୁଭୁଟିରେ କଷାଫଳ ମୁହାଣରୁ ୭ଜଣ ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ସମୁଦ୍ରକୁ ଯାଇଥିଲେ। ଆଜି ପୂର୍ବାହ୍ନ ୧୧ଟା ବେଳେ ମତ୍ସ୍ୟଜୀବୀମାନେ ମାଛ ଧରୁଥିବା ବେଳେ ଭୁଟିଭୁଟି ନିକଟରେ ଏକ ଗୋଳ ପଡ଼ି ଫୁଟିଥିଲା। ଫୁଟା ଗୋଳାରୁ ଏକାଧିକ ଖଣ୍ଡ ପିତଳ ତଥା ଲୁହା ଅଂଶ ବିଛୁଡ଼ି ହୋଇପଡ଼ିଥିଲା ।ଏଇଥିରୁ ଖଣ୍ଡେ କମଳାକାନ୍ତଙ୍କ ଛାତିରେ ପଶିଥିବା ବେଳେ ଅନ୍ୟଏକ ଖଣ୍ଡ ପଦ୍ମଲୋଚନଙ୍କ କାନ୍ଧରେ ବାଜିଥିଲା। ଅନ୍ୟ ୫ଜଣ ସୁରକ୍ଷିତ ଥିବା ମତ୍ସ୍ୟଜୀବୀମାନେ ଦୁଇ ଗୁରୁତରଙ୍କୁ ନେଇ ନେଇ କୂଳକୁ ଫେରି ଆସିଥିଲେ। ଡାକ୍ତରଖାନାରେ କମଳାକାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଚିକିତ୍ସା ଆରମ୍ଭ ପରେ ପଦ୍ମଲୋଚନଙ୍କ ଅବସ୍ଥାର ଉନ୍ନତି ହେଉଥିବା ଜଣାଯାଇଛି। ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ବିଭାଗର ପିଏକ୍ୱାଇ ପକ୍ଷରୁ ହୋଇଥିବା ଗୋଳା ପରୀକ୍ଷାରେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଅନ୍ୟପକ୍ଷରେ ପ୍ରତିରକ୍ଷା ବିଭାଗ ଦ୍ୱାରା ଘୋଷିତ ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ମାଛ ଧରୁଥିବା ଏଭଳି ଅଭାବନୀୟ ସ୍ଥିତି ଉପୁଜିଥିବା ଅନୁମାନ କରାଯାଉଛି।

ଗେହଲଟଙ୍କୁ ନେଇ ଦ୍ୱନ୍ଦ୍ୱରେ କଂଗ୍ରେସ : ସୋନିଆ ନେବେ ଚୂଡ଼ାନ୍ତ ନିଷ୍ପତ୍ତି

ନୂଆଦିଲ୍ଲୀ, ୨୮/୯ : ରାଜସ୍ଥାନରେ ଦେଖାଦେଇଥିବା ରାଜନୈତିକ ସଙ୍କଟ ଭିତରେ ସୋମବାର ଦିଲ୍ଲୀ ଯାଇ କଂଗ୍ରେସ ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କୁ ଭେଟିଛନ୍ତି ଅଶୋକ ଗେହଲଟ । କଂଗ୍ରେସ ସଭାପତି ନିର୍ବାଚନ ପାଇଁ ସେପ୍ଟେମ୍ବର ୩୦ ତାରିଖ ନାମାଙ୍କନ ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ଗହେଲଟଙ୍କୁ ସଭାପତି ପ୍ରାର୍ଥୀ କରିବା ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ଗାନ୍ଧୀ ପରିବାର । ଗେହଲଟଙ୍କ ଜଣେ ଅନୁଗତ ତଥା ରାଜସ୍ଥାନର ଜଣେ କଂଗ୍ରେସ ନେତା ଦଳର ସଭାପତି ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି । ଯାହା ଗାନ୍ଧୀ ପରିବାରକୁ ବ୍ୟଥିତ କରିଛି । ଏସବୁ ଭିତରେ ସୋମବାର ସୋନିଆ ଗେହଲଟଙ୍କୁ ନିଜର ମତ ସ୍ପଷ୍ଟ କରିବାକୁ କହିଥିବା ସୂଚନା ମିଳିଛି । କଂଗ୍ରେସ ସଭାପତି ପାଇଁ ଅଶୋକ ଗେହଲଟ ଗାନ୍ଧୀ ପରିବାରର ସବୁଠୁ ଅଧିକ ପସନ୍ଦ ରହିଥିଲେ ବି ରାଜସ୍ଥାନରେ ଦେଖାଦେଇଥିବା ବିବାଦ ପରେ ଦଳ ଏବେ ଦ୍ୱନ୍ଦ୍ୱରେ ଅଛି । ବିବାଦ ପଛରେ ଗେହଲଟଙ୍କ ପ୍ରମୁଖ ଭୂମିକା ଥିବା ସ୍ପଷ୍ଟ ବାରି ହୋଇପଡୁଥିବାରୁ ସେ ସଭାପତି ହେଲେ ରାଜସ୍ଥାନରେ ବିବାଦ ବଢିବ ନା କମିବ ତାକୁ ନେଇ ଚିନ୍ତାରେ ଅଛନ୍ତି କେନ୍ଦ୍ରୀୟ ନେତା । ତଥାପି ଗେହଲଟ ସଭାପତି ରେସରେ ଅଛନ୍ତି, କାରଣ ସେ ହେଉଛନ୍ତି ଗାନ୍ଧୀ ପରିବାରର ସବୁଠୁ ବିଶ୍ୱସ୍ତ । ଏପଟେ ବରିଷ୍ଠ କଂଗ୍ରେସ ନେତା ଦିଗବିଜୟ ସିଂଙ୍କୁ ଦିଲ୍ଲୀ ଡକାଯାଇଛି । ଯଦି ଗେହଲଟ ସଭାପତି ନଲଢନ୍ତି ଦିଗବିଜୟଙ୍କୁ ସଭାପତି ଲଢିବା ପାଇଁ କହିପାରନ୍ତି ଗାନ୍ଧୀ ପରିବାର । ପୂର୍ବରୁ ନିର୍ବାଚନ ଲଢିବେ ନାହିଁ ବୋଲି ଦିଗବିଜୟ କହିଥିଲେ କିନ୍ତୁ ଏବେ ସ୍ଥିତି ଅଲଗା ଥିବାରୁ ସେ ହୁଏତ ମଇଦାନକୁ ଓହ୍ଲାଇପାରନ୍ତି ବୋଲି କୁହାଯାଉଛି । ଯଦି ଗେହଲଟ ସଭାପତି ରେସରୁ ବାଦ ପଡନ୍ତି ତେବେ ଗାନ୍ଧୀ ପରିବାରର ସମର୍ଥନରେ କିଏ ନାମାଙ୍କନ ଦାଖଲ କରିବ ତାହା ଉପରେ ନଜର ରହିଛି । ଆଉ ଯଦି ଗେହଲଟ ସଭାପତି ପାଇଁ ନାମାଙ୍କନ ଦାଖଲ କରନ୍ତି ତେବେ ରା

ପ୍ରାଣୀଧନ ନିରୀକ୍ଷକଙ୍କ ପ୍ରତି ସରକାର ଉଦାସୀନ

ମିଳୁନି ପଦୋନ୍ନତି : ଯେଉଁ ପଦରେ ଜଏନ୍, ସେହି ପଦରେ ଅବସର

କଟକ,୨୮/୯ (ନି.ପ୍ର): ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧୀନରେ ଥିବା ପ୍ରାଣୀଧନ ନିରୀକ୍ଷକ (ଏଲ୍‌ଆଇ) ଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । କ୍ୟାଡର ପୁନର୍ଗଠନ କରାଯାଉ ନଥିବାରୁ ଏଲ୍‌ଆଇମାନେ ଯେଉଁ ପଦବିରୁ ଚାକିରି ଆରମ୍ଭ କରୁଛନ୍ତି ସେଇଥିରେ ହିଁ ଅବସର ନେଉଛନ୍ତି । କ୍ୟାଡର ପୁନର୍ଗଠନ ଦାବି ପ୍ରତି ବିଭାଗ କର୍ଣ୍ଣପାତ କରୁନି । ମୂଳ ପଦବିର ୩୦ପ୍ରତିଶତ ପ୍ରଥମ ପଦୋନ୍ନତି ପଦବି ରହିବାର ସରକାରୀ ନିୟମ ଥିଲେ ବି ଏହି ପଦବିରେ ମାତ୍ର ୧.୪୪ ପ୍ରତିଶତ ରହିଛି । ସମାନ କ୍ୟାଡରର ଫାର୍ମାସିଷ୍ଟ, ଗ୍ରାମ କୃଷିକର୍ମୀ ଆଦିଙ୍କ ପାଇଁ ତିନିଥାକିଆ ପଦୋନ୍ନତି ସୁବିଧା ଥିବାବେଳେ ଏଲ୍‌ଆଇ ପଦ ପାଇଁ ଦୁଇଥାକିଆ ପଦୋନ୍ନତି ରହିଛି । ତାହା ମଧ୍ୟ ଠିକ୍ ଭାବେ ପାଳନ କରାଯାଉ ନଥିବା ନେଇ ଅଭିଯୋଗ କରିଛନ୍ତି ପ୍ରାଣୀଧନ ନିରୀକ୍ଷକମାନେ ।

ଅଭିଯୋଗ ଅନୁଯାୟୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଅଧିକ ଯୋଜନାର କାର୍ଯ୍ୟ ସୀମିତ ସମୟରେ କରାଯାଉଥିବା ବେଳେ କର୍ମଚାରୀ ଅଭାବରୁ ଅନେକ କଷ୍ଟ ସ୍ୱୀକାର କରି ଯୋଜନାଗୁଡିକୁ ସଫଳ କରାଯାଉଛି । ହେଲେ କର୍ମଚାରୀଙ୍କ ସମସ୍ୟା ପ୍ରତି ସରକାର ନିରବଦ୍ରଷ୍ଟା ସାଜିଛନ୍ତି । ବିଭାଗରେ ୩୩୩୦ ପ୍ରାଣୀଧନ ନିରୀକ୍ଷକ ଆବଶ୍ୟକ ଥିବା ବେଳେ ଅଛନ୍ତି ମାତ୍ର ୧୩୫୧ଜଣ । ସେହିପରି ଭେଟ୍‌ନାରି ଟେକ୍ନିସିଆନ୍ ୬୬୭ ସ୍ଥାନରେ ୧୫୦ ଓ ଉପସହ-ପ୍ରାଣୀ ଚିକିତ୍ସକ ୪୮ ସ୍ଥାନରେ ୪୦ଜଣ ଅଛନ୍ତି । ତୁରନ୍ତ ସରକାର ଏ ଦିଗରେ ଦୃଷ୍ଟିପାତ କରି ସମସ୍ୟାର ସମାଧାନ ନକଲେ ଅସନ୍ତୋଷ ଆନ୍ଦୋଳନର ରୂପ ନେବ ବୋଲି ପ୍ରାଣୀଧନ ନିରୀକ୍ଷକମାନେ ଚେତାବନୀ ଦେଇଛନ୍ତି । ରାଜ୍ୟର ପ୍ରାଣୀ ଚିକିତ୍ସା ଓ ପ୍ରାଣୀପାଳନ ବିଭାଗରେ ପ୍ରାଣୀଧନ ନିରୀକ୍ଷକମାନଙ୍କ ପରିଶ୍ରମ ଓ ସହଯୋଗ ଯୋଗୁଁ ଗ୍ରାମାଞ୍ଚଳରେ ଗରିବ ଓ ଭୂମିହୀନ ଚାଷୀ ସ୍ୱାବଲମ୍ବୀ ହେବା ସହ ସେମାନଙ୍କ ଆର୍ଥିକ ବିକାଶ ସମ୍ଭବ ହୋଇଥାଏ । ବନ୍ୟା, ବାତ୍ୟା ସମୟରେ ଚାଷୀମାନଙ୍କ ପାଖରେ ସରକାରୀ କର୍ମଚାରୀ ଭାବରେ ଏମାନେ ପ୍ରଥମେ ପହଞ୍ଚି ଥାନ୍ତି ଓ ପଞ୍ଚାୟତ ସ୍ତରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନରେ ଏମାନେ ପ୍ରମୁଖ ସହଯୋଗ ଦେଇଥାନ୍ତି । କିନ୍ତୁ ଦୀର୍ଘ ୫୦ ବର୍ଷ ହେବ ? କ୍ୟାଡର ପୁନର୍ଗଠନ ହୋଇ ନ ପାରିବା ଯୋଗୁଁ ଜଣେ ପ୍ରାଣୀଧନ ନିରୀକ୍ଷକ ଭାବେ ନିଯୁକ୍ତି ପାଇ ସେହି ପ୍ରାଣୀଧନ ନିରୀକ୍ଷକରେ ଅବସର ନେଉଛି । ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପ୍ରକୋଷ୍ଠରେ ପ୍ରାଣୀଧନ ନିରୀକ୍ଷକ ସଂଘ ସହିତ ଆଲୋଚନା କରି ୬ଦଫା ଦାବିକୁ ୪ ମାସ ମଧ୍ୟରେ ପୂରଣ କରିବା ପାଇଁ ୨୦୧୭ ମସିହାରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଦାବି ପୂରଣ ହୋଇନି । ୬ଦଫା ଦାବି ମଧ୍ୟରେ କ୍ୟାଡର ପୁନର୍ଗଠନ ମୁଖ୍ୟ ଦାବି ଥିବା ବେଳେ ତାହା ଏଯାଏ ସମ୍ଭବ ହୋଇପାରିନି ।

୧୪ ଜଳଭଣ୍ଡାରର ପାରିପାର୍ଶ୍ୱିକ ଉନ୍ନତି ପାଇଁ ୪୫କୋଟି

ଭୁବନେଶ୍ୱର,୨୮/୯ (ନି.ପ୍ର): ରାଜ୍ୟର ବିଭିନ୍ନ ଡ୍ୟାମ୍, ଜଳଭଣ୍ଡାରକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏହାର ପାରିପାର୍ଶ୍ୱିକ ଉନ୍ନତି କରାଯିବ । ଏଥିପାଇଁ ଜଳସମ୍ପଦ ବିଭାଗ ପ୍ରଥମ ପର୍ଯ୍ୟାୟରେ ୧୪ଟି ଜଳଭଣ୍ଡାରକୁ ଚିହ୍ନଟ କରିଛି । ଏଠାରେ ତିନି ବର୍ଷରେ ମୋଟ୍ ୪୫କୋଟି ଖର୍ଚ୍ଚ ହେବ । ଜଳସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଉନ୍ନତୀକରଣ ହେବାକୁ ଥିବା ଡ୍ୟାମ୍‌ରେ ବୋଟିଂ ସୁବିଧା, ଖାଇବା ପାଇଁ କାଫେଟେରିଆ, ବଣଭୋଜି ପାଇଁ ପିଣ୍ଡି, ବିଶୁଦ୍ଧ ପିଇବା ପାଣି, ପର୍ଯ୍ୟଟକ ଚାଲିବା ପାଇଁ ସ୍ୱତନ୍ତ୍ର ଟ୍ରାକ୍, ଗାଡ଼ି ପାର୍କିଂ ସୁବିଧା, ରୋପ୍ ୱେ ଆଦି ରଖିବାକୁ ଯୋଜନା ହେଉଛି । ନୂଆପଡ଼ା ଜିଲ୍ଲାର ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ପର୍ଯ୍ୟଟନ ଭିତ୍ତିଭୂମି ପାଇଁ ୪କୋଟି ୩୩ଲକ୍ଷ, କଳହାଣ୍ଡିର ଅପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ମଙ୍ଗଳପୁର ବ୍ୟାରେଜ୍‌ରେ ପର୍ଯ୍ୟଟନ ଭିତ୍ତିଭୂମି ପାଇଁ ୪କୋଟି ୬୩ଲକ୍ଷ ୫ହଜାର, ଗଞ୍ଜାମର ଭଞ୍ଜନଗର ଡ୍ୟାମ୍‌ରେ ପାରିପାର୍ଶ୍ୱିକ ବିକାଶ ପାଇଁ ୫କୋଟି, ସୁନ୍ଦରଗଡ଼ର ପିତାମହଲ ଡ୍ୟାମ୍ ନିକଟରେ ସଂଗ୍ରହାଳୟ ଏବଂ ପାର୍କ ପାଇଁ ୪କୋଟି, ଖୋର୍ଦ୍ଧା ଜିଲ୍ଲା ଡେରାଶ ଡ୍ୟାମ୍ ନିକଟରେ ସଂଗ୍ରହାଳୟ ଏବଂ ପାର୍କ ପାଇଁ ୪କୋଟି, ହୀରାକୁଦ ଡ୍ୟାମ୍ ନିକଟରେ ସଂଗ୍ରହାଳୟ ଏବଂ ପାର୍କ ପାଇଁ ୪କୋଟି, ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକରେ ଗୋଡାହାଡ଼ ଡ୍ୟାମ୍‌ର ପାରିପାର୍ଶ୍ୱିକ ବିକାଶ ପାଇଁ ୩କୋଟି, ପୋଲସରା ବ୍ଲକ ଅଧୀନସ୍ଥ ଧନେଇ ଡ୍ୟାମ୍‌ର ପାରିପାର୍ଶ୍ୱିକ ବିକାଶ ପାଇଁ ୪କୋଟି, କେନ୍ଦୁଝର ଜିଲ୍ଲାର କାନଝରି ଡ୍ୟାମ୍ ନିକଟରେ ସଂଗ୍ରହାଳୟ ଏବଂ ପାର୍କ ପାଇଁ ୨କୋଟି, ସାଳନ୍ଦି ଡ୍ୟାମ୍ ନିକଟରେ ସଂଗ୍ରହାଳୟ ଏବଂ ପାର୍କ ପାଇଁ ୨କୋଟି, କୋରାପୁଟର ଅପର କୋଲାବ ଡ୍ୟାମ୍ ନିକଟରେ ସଂଗ୍ରହାଳୟ ଏବଂ ପାର୍କ ପାଇଁ ୨କୋଟି ଖର୍ଚ୍ଚ ହେବ । ଏହାସହ ନୟାଗଡ଼ର କୁଆଁରିଆ, କେନ୍ଦୁଝରର ସାନମାଛ କନ୍ଦନା ଏମ୍‌ଆଇପି, ମୟୂରଭଞ୍ଜର ଖଡ଼ଖାଇ ଡ୍ୟାମ୍ ନିକଟରେ ସଂଗ୍ରହାଳୟ ଏବଂ ପାର୍କ ନିର୍ମାଣ ପାଇଁ ୨କୋଟି ଟଙ୍କା ଲେଖାଏଁ ଖର୍ଚ୍ଚ ହେବ ବୋଲି ନିଷ୍ପତ୍ତି ହୋଇଛି । ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ କିଛି ଜଳଭଣ୍ଡାରର ଉନ୍ନତୀକରଣ ହେବ ବୋଲି କୁହାଯାଇଛି ।

ନିଜ ପାଇଁ ଆଶ୍ରୟ ଖୋଜୁଛି: ପୁଣି ଜଙ୍ଗଲକୁ ଫେରିଯିବ ହାତୀ

କଟକ: ଜଗତପୁରରେ ହାତୀ ଉତ୍ପାତ ସଂପର୍କରେ ଅଧିକ ତଥ୍ୟ ଦେଇଛନ୍ତି ଡିଏଫଓ ଅଜିତ କୁମାର ଶତପଥୀ । ସେ କହିଛନ୍ତି, ହାତୀଟି ନିଜ ପାଇଁ ଆଶ୍ରୟ ଖୋଜୁଛି । ଲୋକେ ସହଯୋଗ କଲେ ହିଁ ହାତୀଟି ପୁଣି ଜଙ୍ଗଲକୁ ଫେରିଯିବ । ଲୋକଙ୍କ ଗହଳି ଯୋଗୁଁ ହିଁ ହାତୀ ଏଯାଏଁ ଫେରିବାକୁ ବାଟ ପାଉନାହିଁ । ଏହି କାର୍ଯ୍ୟରେ ପର୍ଯ୍ୟାପ୍ତ ଜଙ୍ଗଲ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ନିୟୋଜିତ ରହିଛନ୍ତି । ଟ୍ରାଙ୍କୁଲାଇଜ୍ କଲେ ବି ହାତୀଟିକୁ ପୁଣି କେମିତି ସେଠାରୁ ନିଆଯିବ ସେ କଥା ମଧ୍ୟ ଚିନ୍ତା କରୁଛୁ । ଖୁଣ୍ଟୁଣୀ ଜଙ୍ଗଲରୁ ତିନୋଟି ହାତୀ କାଲି ରାତିରୁ ଆସିଥିବା ଆମ ପାଖେ ଯାହା ଖବର ରହିଛି । ଗୋଟିଏ ହାତୀର ମୃତ୍ୟୁ ହୋଇଛି । ଆଉ ଗୋଟିଏ ଛୁଆ ହାତୀକୁ ଆମେ ନଜରରେ ରଖିଛୁ । ଆଉ ଗୋଟିଏ ହାତୀ ସହର ଭିତରେ ଏବେ ବି ଅଛି । ଏହା ଦନ୍ତା ହାତୀ ନୁହେଁ ମାଈ ହାତୀ ବୋଲି ଜଣାଯାଇଛି । ଏବେ ହାତୀଟି କଟକ ମହାନଗର ନିଗମ ଅଞ୍ଚଳର ବାହାରକୁ ଚାଲିଯାଇଛି । ସୂଚନାଯୋଗ୍ୟ, ହାତୀ ଆକ୍ରମଣରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ହୋଇଥିବାର ଖବର ମିଳିଛି । ଦୁଇ ଗୁରୁତରଙ୍କୁ ବଡ଼ ମେଡିକାଲକୁ ନିଆଯାଉଛି । ଏଣେ ନିମପୁର ଅଞ୍ଚଳରେ ପଶିଥିବା ହାତୀଟି କେତେକ କାର୍ ଓ ଘର ଭାଙ୍ଗି ଦେଇଥିବାର ସୂଚନା ମିଳିଛି । ତିନିଟି ହାତୀ ଜଗତପୁରରେ ଉପଦ୍ରବ ଜାରି ରଖିଥିବା କୁହାଯାଉଛି ।

ହସ୍ପିଟାଲରେ ଗର୍ଭବତୀ, ଅଲଟ୍ରାସାଉଣ୍ଡ ସ୍ଥିତି ଅନୁଧ୍ୟାନ କରିବେ ମେଣ୍ଟର ଗ୍ରୁପ୍

ଭୁବନେଶ୍ୱର: ରାଜ୍ୟରେ ମାତୃ ଓ ନବଜାତକ ମୃତ୍ୟୁ ହାର ଏବେ ବି ସମ୍ବେଦନଶୀଳ ସ୍ଥିତିରେ ରହିଛି । ଗତ କିଛିବର୍ଷ ଭିତରେ ଯଦିଓ ଏହି ସ୍ଥିତିରେ ସୁଧାର ଆସିଛି, ତଥାପି ଓଡ଼ିଶାର ବର୍ତ୍ତମାନ ସ୍ଥିତି ଜାତୀୟ ହାରଠାରୁ ଅଧିକ ରହିଛି । ତେଣୁ ମୃତ୍ୟୁହାରକୁ କିଭଳି କମାଯାଇ ପାରିବ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟସ୍ତରୀୟ ମେଣ୍ଟର ଗ୍ରୁପ୍ ପ୍ରତିଷ୍ଠା ହୋଇଛି । ଏହି ଗ୍ରୁପ୍ ପ୍ରତି ୩ମାସରେ ଥରେ ସମସ୍ତ ସରକାରୀ ଡାକ୍ତରଖାନାକୁ ପରିଦର୍ଶନ କରିବା ସହିତ ସମ୍ବେଦନଶୀଳ ଗର୍ଭବତୀ ମହିଳା, ଅଲଟ୍ରାସାଉଣ୍ଡ ଓ ସରକାରୀ ଗାଇଡଲାଇନ୍ ଅନୁଯାୟୀ ପରୀକ୍ଷାନିରୀକ୍ଷା ହେଉଛି କି ନାହିଁ ତାହାର ଯାଞ୍ଚ କରିବେ । ଓଡ଼ିଶାର ମାତୃ ମୃତ୍ୟୁ ହାର ବା ଏମ୍‌ଏମ୍‌ଆର ୧ଲକ୍ଷରେ ୧୩୬ ରହିଛି । ଏହାସହ ପ୍ରତି ୧ହଜାର ଜୀବନ୍ତ ଶିଶୁ ଜନ୍ମ କ୍ଷେତ୍ରରେ ନିଓନାଟାଲ ବା ନବଜାତକ ମୃତ୍ୟୁ ରହିଛି ୨୮, ଯାହାକି ଜାତୀୟ ହାରଠାରୁ ଅଧିକ । ଏହି ଦୁଇ ମୃତ୍ୟୁକୁ ରୋକିବା ଲାଗି ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ୨୦୧୭ ମସିହାରୁ ରାଜ୍ୟରେ 'ସଂପୂର୍ଣ୍ଣା' ଯୋଜନା ଆରମ୍ଭ କରିଛନ୍ତି । ଜନନୀ ସୁରକ୍ଷା ଯୋଜନା, ସ୍ୱାସ୍ଥ୍ୟାନୁଷ୍ଠାନରେ ପ୍ରସବ, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଭଳି ଅନେକ କାର୍ଯ୍ୟକ୍ରମ ଚାଲୁ ରହିଛି । ତଥାପି ସ୍ଥିତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଆସୁନାହିଁ । ତେଣୁ ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନରେ ପ୍ରସବର କିଭଳି ସ୍ଥିତି ରହିଛି ତାହାର ଅନୁଧ୍ୟାନ ପାଇଁ ରାଜ୍ୟସ୍ତରୀୟ ମେଣ୍ଟର ଗ୍ରୁପ୍ ପ୍ରତିଷ୍ଠା ହୋଇଛି । ଏଥିରେ ରାଜ୍ୟର ମେଡିକାଲ କଲେଜର ପ୍ରଫେସର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଘରୋଇ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଏଏନ୍‌ଏମ୍ ଓ ଷ୍ଟାଫ୍ ନର୍ସ ରହିଛନ୍ତି । ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଜରିଆରେ ଏହି ଗ୍ରୁପ୍ କିଭଳି ସରକାର ନିର୍ଦ୍ଦେଶାବଳୀ ଅନୁଯାୟୀ ସ୍ଥିତିର ଅନୁଧ୍ୟାନ କରାଯିବ ତାହା ସଂପର୍କରେ ତାଲିମ୍ ଦିଆଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରାଜ୍ୟରେ ନବଜାତକ ମୃତ୍ୟୁ ୨୮ ରହିଛି । ଜାତୀୟସ୍ତରରେ ଏହା ୨୫ । ରାଜ୍ୟରେ ଅଧିକାଂଶ ନବଜାତକ ଜନ୍ମର ୨୧ଦିନ ଭିତରେ ହିଁ ପ୍ରାଣ ହରାଉଛନ୍ତି । ପରିବାରରେ ସଚେତନତାର ଅଭାବ ପାଇଁ ଏଭଳି ସ୍ଥିତି ଉପୁଜୁଛି । ନବଜାତକ ମୃତ୍ୟୁ ରୋକିବା ଲାଗି ସରକାର ଗୃହଭିତ୍ତିକ ଓ ସ୍ୱାସ୍ଥ୍ୟାନୁଷ୍ଠାନ ଭିତ୍ତିକ ନବଜାତକ ଯତ୍ନ ଦେଉଛନ୍ତି । ଗୃହଭିତ୍ତିକ ନବଜାତକ ଯତ୍ନ ପାଇଁ ଆଶା କର୍ମୀ ସଂପୃକ୍ତ ଶିଶୁଙ୍କ ଘରକୁ ୬/୭ଥର ପରିଦର୍ଶନ କରି ସ୍ଥିତି ସଂପର୍କରେ ଅନୁଧ୍ୟାନ କରୁଛନ୍ତି । ଏହାସହ ମାତୃ ମୃତ୍ୟୁ ହାର ମଧ୍ୟ ରାଜ୍ୟରେ ଜାତୀୟହାରଠାରୁ ଅଧିକ ରହିଛି । ଏହି ଦୁଇ ସ୍ଥିତିରେ ସୁଧାର ଆଣିବା ଲାଗି ରାଜ୍ୟସ୍ତରୀୟ ମେଣ୍ଟର ଗ୍ରୁପ୍ ପ୍ରତିଷ୍ଠା ହୋଇଛି । ସରକାରୀ ଡାକ୍ତରଖାନାରେ ଗର୍ଭବତୀ ମହିଳାଙ୍କ ସ୍ଥିତି, କିଭଳି ଅଲଟ୍ରାସାଉଣ୍ଡ କରାଯାଉଛି ତାହାର ସ୍ଥିତି ସଂପର୍କରେ ଗ୍ରୁପ୍ ଅନୁଧ୍ୟାନ କରିବ । ବର୍ଷକୁ ୪ଥର ଏହି ଗ୍ରୁପ୍ ପରିଦର୍ଶନ କରିବ । ସ୍ଥିତି ଅନୁଧ୍ୟାନ ସଂପର୍କରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବେ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି ।

ଘର ଉପରେ ମାଡ଼ିଗଲା ପିକ୍‌ଅପ୍ ଭ୍ୟାନ୍

ବଲାଙ୍ଗିର,୨୮/୯ (ନି.ପ୍ର): ରାସ୍ତା ପାର୍ଶ୍ୱରେ ଥିବା ଘର ଉପରେ ଚଢ଼ିଗଲା ପିକ୍‌ଅପ୍ ଭ୍ୟାନ୍ । ଫଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି । ଆଜି ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ବଲାଙ୍ଗିର ଜିଲ୍ଲାରେ ଘଟିଛି । ବିଦ୍ୟୁତ ଖୁଣ୍ଟ ଓ ୮ ଜଣ ଶ୍ରମିକଙ୍କୁ ଧରି ଏକ ପିକ୍‌ଅପ୍ ଆଗଲପୁରରୁ ବଲାଙ୍ଗିରକୁ ଯାଉଥିଲା । ସଦେଇପାଲି ଛକ ନିକଟରେ ରାସ୍ତା କଡରେ ଥିବା ଏକ ଘର ଉପରକୁ ମାଡି ଯାଇଥିଲା ପିକ୍‌ଅପ୍ ଭ୍ୟାନଟି । ପରେ ପିକ୍‌ଅପ୍ ଭ୍ୟାନଟି ଓଲଟି ପଡିଥିଲା । ପିକ୍‌ଅପ୍ ତଳେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତଶ୍ରମିକ ହେଉଛନ୍ତି ହିମାଂଶୁ ଶଙ୍କୁଆ । ତାଙ୍କ ଘର କେନ୍ଦୁଝର ଜିଲ୍ଲାର । ସ୍ଥାନୀୟ ଲୋକେ ଆହତ ୭ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ ।

୩୦ରେ ଗ୍ରାମରକ୍ଷୀଙ୍କ ବିକ୍ଷୋଭ

ଭୁବନେଶ୍ୱର,୨୮/୯ (ନି.ପ୍ର): ହାଇକୋର୍ଟ ଆଦେଶ କାର୍ଯ୍ୟକାରୀ କରାଇବା ପାଇଁ ଆସନ୍ତା ୩୦ ତାରିଖରେ ନିଖିଳ ଉତ୍କଳ ଗ୍ରାମରକ୍ଷୀ ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ । ସଂଘ ପକ୍ଷରୁ କୁହାଯାଇଛି, ସେମାନଙ୍କ ଦାବିର ବିଚାର କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୨୦୧୭ ମସିହାରେ ନିର୍ଦ୍ଦେଶ ଦେଇଥିଲେ । ୪ମାସ ମଧ୍ୟରେ ଏହି ଦାବି ପୂରଣ କରାଯିବାକୁ ନିର୍ଦ୍ଦେଶନାମା ଥିଲେ ମଧ୍ୟ ସରକାର ତାହା ନ କରିବାକୁ ହାଇକୋର୍ଟରେ ଏକ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ ।

ଏହି ମାମଲାର ବିଚାର କରିବା ସମୟରେ ରାଜ୍ୟ ସରକାର ଜଣାଇଥିଲେ ଯେ ଗ୍ରାମରକ୍ଷୀମାନଙ୍କ ଦାବି ସଂକ୍ରାନ୍ତରେ ସରକାର ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ସଂଘ କହିଛି ବାସ୍ତବରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ଗ୍ରାମରକ୍ଷୀମାନଙ୍କୁ ଜଣାଯାଇନାହିଁ । ଫଳରେ ରାଜ୍ୟରେ ୧୮ହଜାର ଗ୍ରାମରକ୍ଷୀ ମାସିକ ମାତ୍ର ୧୮ଶହ ଟଙ୍କା ଭତ୍ତାରେ କାର୍ଯ୍ୟ କରୁଛନ୍ତି । ସେମାନଙ୍କୁ ସରକାରୀ ମାନ୍ୟତା ଦିଆଯାଇ ଅତି କମ୍‌ରେ ୧୮ ହଜାର ଟଙ୍କା କରିବାକୁ ଦାବି ହୋଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମହାସଂଘ ସଭାପତି ଅମରେଶ୍ୱର ମଲ୍ଲିକ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

ଚିଲିକାରେ ହେବ ଦେଶର ସବୁଠୁ ବଡ଼ ରୋପ୍‌ୱେ: ୧୦ଟି ପର୍ଯ୍ୟଟନସ୍ଥଳୀରେ ନିର୍ମାଣ ହେବ ରୋପ୍‌ୱେ

ଭୁବନେଶ୍ୱର,୨୮/୯ (ନି.ପ୍ର): ଚିଲିକାରେ କାଳିଜାଇ ମନ୍ଦିରକୁ ସଂଯୋଗ କରିବା ଲାଗି ନିର୍ମାଣ ହେବ ଦେଶର ସବୁଠୁ ବଡ଼ ରୋପ୍‌ୱେ । ଉତ୍ତରାଖଣ୍ଡରେ ଅଲି ରୋପ୍‌ୱେ (୪କିମି) ଏବେ ଦେଶର ସବୁଠୁ ଲମ୍ବା ରୋପ୍ ୱେ ଭାବେ ଗଣାଯାଉଥିବା ବେଳେ ପ୍ରୟାଗି କୃଷ୍ଣପ୍ରସାଦ ରାସ୍ତାରୁ କାଳିଜାଇକୁ ସଂଯୋଗ କରି ଦେଶର ସବୁଠୁ ବଡ଼ ୫.୩ କିମିର ରୋପ୍ ୱେ ନିର୍ମାଣ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି । ଏଥିପାଇଁ ରାଜ୍ୟ ସରକାର ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ (ଏନ୍‌ଏଚ୍‌ଏଆଇ)କୁ ଖୁବ୍‌ଶୀଘ୍ର ପ୍ରସ୍ତାବ ପଠାଇବେ । ଚିଲିକାକୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏହି ଯୋଜନା କରିଛନ୍ତି ।

ଏନ୍‌ଏଚ୍‌ଏଆଇର ସବ୍‌ସିଡାରି ସଂସ୍ଥା ନାସନାଲ୍ ହାଇୱେଜ୍ ଲଜିଷ୍ଟିକ୍ ମ୍ୟାନେଜମେଣ୍ଟ ଲିମିଟେଡ୍ (ଏନ୍‌ଏଚ୍‌ଏଲ୍‌ଏମ୍) ଅପହଞ୍ଚ ଅଞ୍ଚଳକୁ ସଂଯୋଗ କରିବା, ପର୍ଯ୍ୟଟନକୁ ଉନ୍ନତୀକରଣ କରିବା ଏବଂ ଧାର୍ମିକ ଦୃଷ୍ଟିରୁ ଗୁରୁତ୍ୱ ଥିବା ଅଞ୍ଚଳରେ ରୋପ୍‌ୱେ ନିର୍ମାଣ କରୁଛି । ଏହାକୁ ନଜରରେ ରଖି ଓଡ଼ିଶାରେ 'ପର୍ବତମାଳା' ଯୋଜନାରେ ୧୦ଟି ରୋପ୍‌ୱେ ନିର୍ମାଣ କରିବାକୁ ରାଜ୍ୟ ସରକାର ପ୍ରସ୍ତାବ ଦେଉଛନ୍ତି । ଏଥିରେ ଚିଲିକାରେ ଦେଶର ସର୍ବବୃହତ ୫.୩କିମିର ରୋପୱେ ନିର୍ମାଣ ପ୍ରସ୍ତାବ ଦିଆଯିବ । ଯାହା ସଂପୂର୍ଣ୍ଣ ଭାବେ ପୁରୀ ଜିଲ୍ଲାରେ ରହିବ । ସେହିପରି ମୟୂରଭଞ୍ଜର ଭୀମକୁଣ୍ଡକୁ ମଙ୍ଗଳପୁରରୁ ୭୦୦ମିଟରର, କେନ୍ଦୁଝରର ବକ୍ସିବରିଗାଁ-ବାୟାପଣ୍ଡାଧର ରାସ୍ତାରୁ ଗୋନାସିକାକୁ ୬୭୦ମିଟରର, ଅନୁଗୁଳରେ ନୁଗୁଡ଼ା ଛକରୁ ମଳୟଗିରି ପାହାଡ଼କୁ ୨.୬କିମିର, ମୟୂରଭଞ୍ଜରେ ଉଦଳାରୁ ଚକସୋଲିପଦା (ମେଦିନାପୁର ସୀମା)ରୁ ଦେବକୁଣ୍ଡକୁ ୩୬୦ମିଟରର, କୋରାପୁଟରେ ଗୁମଣ୍ଡିରୁ ଦୁଧାରୀକୁ ୩୨୦ମିଟରର, କନ୍ଧମାଳରେ ଫୁଲବାଣୀ-ଗୋଛପଡ଼ା ରାସ୍ତାରୁ ପୁଟୁଡ଼ି ଜଳପ୍ରପାତକୁ ୨୬୦ମିଟରର, ନୟାଗଡ଼ରେ ବଡ଼ମୂଳ କୁଟୁରି ରାସ୍ତାରୁ ସାତକୋଷିଆକୁ ୧.୭୨କିମିର, କୋରାପୁଟରେ ଦୁଧାରୀରୁ ଗୁମାଣ୍ଡି ରାସ୍ତାରୁ ଇକୋ ରିଟ୍ରିଟ୍‌କୁ ୧.୫କିମିର, ପୁରୀରେ କୃଷ୍ଣପ୍ରସାଦ ସାତପଡ଼ା (ଝନିକୁଦ) ରାସ୍ତାରୁ ଚିଲିକାକୁ ୩.୩୪କିମିର ରୋପ୍‌ୱେ ନିର୍ମାଣ କରିବାକୁ ରାଜ୍ୟ ସରକାର ପ୍ରସ୍ତାବ ଦେବେ । ଏହାବାଦ୍ ଯଦି ଆଉ କେଉ

କଫି କହିବ ଭବିଷ୍ୟ !

ଦକ୍ଷିଣ ଭାରତର ଲୋକପ୍ରିୟ ପାନୀୟ ଭାବେ ଜଣାଯାଉଥିବା କଫିର ଆଦର ବିଶ୍ୱର ଅନ୍ୟ ପ୍ରାନ୍ତରେ ମଧ୍ୟ ଅଛି । ବିଶେଷଜ୍ଞଙ୍କ ମତରେ କଫି ପିଇବାର ଉଭୟ ସୁପ୍ରଭାବ ଓ କୁପ୍ରଭାବ ରହିଛି । କଫିକୁ ନେଇ ବିଭିନ୍ନ ପ୍ରକାର ଆଲୋଚନା ହେଉଥିବାବେଳେ ନିକଟରେ ଏହା ସମ୍ପର୍କିତ ଅନ୍ୟ ଏକ ରୋଚକ ତଥ୍ୟକୁ ନେଇ ଗଣମାଧ୍ୟମରେ ଆଲୋଚନା ହେଉଛି । ବିଦେଶୀ ରାଷ୍ଟ୍ର ଆମେରିକା, ଇଉରୋପରେ କଫି ପାନୀୟ ଜରିଆରେ ଲୋକେ ନିଜ ଭବିଷ୍ୟତ ଜାଣିପାରୁଛନ୍ତି । ଇଟାଲୀରେ ସାନ୍ ମାଥ୍ୟୁଙ୍କର ଏକ କେଫେ ରହିଛି, ତାହାର ନା 'କଫି ଫୁଚର୍' । ଏହି କେଫେରେ ଗ୍ରାହକ ବସି କଫି ପିଇବା ସହ ନିଜ ଭବିଷ୍ୟତ ସମ୍ପର୍କରେ ମଧ୍ୟ ଜାଣିପାରିବେ । ମାଥ୍ୟୁଙ୍କ କହିବାନୁସାରେ, ଏଇ ଭବିଷ୍ୟ ପଢ଼ିବାର କଳା ସେ ଜେନେଭାରୁ ଶିଖିଆସିଛନ୍ତି । ତାଙ୍କ କେଫେରେ କେବଳ ତୁର୍କୀ କଫି ଓ ସାଉଥ୍ ଇଣ୍ଡିଆନ୍ ନୋ-ଫିଲ୍ଟର କଫି ହିଁ ମିଳିଥାଏ । ଗ୍ରାହକ ପାନୀୟ ପିଇବା ପୂର୍ବରୁ ସେମାନଙ୍କୁ ସର୍ତ୍ତ ଅବଗତ କରାଯାଏ ।

- ଗରମ କଫି କପ୍‌ରେ ଗ୍ରାହକଙ୍କୁ ଦିଆଯାଏ । ନ ଫୁଙ୍କି ସେମାନେ ୩ ଥର ଅଳ୍ପ ପରିମାଣରେ କଫି ପିଇ କପ୍ ରଖିବେ । ଏହା ପରେ ଗ୍ରାହକଙ୍କୁ ବଳକା କଫି ଆରାମରେ ପିଇବାକୁ କୁହାଯାଏ । କଫି କପ୍‌ରୁ ଶେଷ ହେବା ପୂର୍ବରୁ କପ୍ ରଖିବାକୁ କୁହାଯିବା ସହ ଏବେ କପ୍‌ରେ ବଳକା ଥିବା କଫିକୁ ସେମାନେ ସମ୍ମୁଖରେ ଥିବା ଏକ ପ୍ଲେଟରେ ଢାଳନ୍ତି । ଏହା ପରେ କଫି ରିଡର୍ ମାଥ୍ୟୁଙ୍କର କାମ ଆରମ୍ଭ ହୁଏ । ନିୟମିତ ତାଙ୍କ ପାଖକୁ ସଂଖ୍ୟାଧିକ ଗ୍ରାହକ ଆସୁଥିବାବେଳେ ଅଧିକାଂଶ ପର୍ଯ୍ୟଟକ ଗ୍ରାହକ ସହକାରେ ଆସୁଥିବାର ଜଣାପଡ଼ିଛି । ଜଣେ ଗ୍ରାହକ କଫି ଜରିଆରେ ନିଜ ଭବିଷ୍ୟତ ଜାଣିବାକୁ ଚାହୁଁଥିଲେ, ପ୍ରଥମେ ୯ ହଜାର ଟଙ୍କା ପଇଠ କରିବାକୁ ପଡ଼େ । ଅତିବେଶୀରେ ୫ ଟି ପ୍ରଶ୍ନ ଗ୍ରାହକ ମାଥ୍ୟୁଙ୍କୁ ପଚାରିପାରିବେ । ଅଧିକ ଜାଣିବାକୁ ଆଗ୍ରହ ହେଲେ, ଗ୍ରାହକଙ୍କୁ ପାଉଣା ମଧ୍ୟ ବଢ଼ାଇବାକୁ ପଡୁଥିବାରୁ ଜଣାପଡ଼ିଛି ।

ବର ଓ ବରଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ମାସ୍କ

କରୋନା ଭାଇରସ୍ ପ୍ରକୋପରୁ ରକ୍ଷା ପାଇବାକୁ ହେଲେ ବିଶେଷଜ୍ଞ ଦଳ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଉଛନ୍ତି । ଲୋକେ ମଧ୍ୟ ଏହାକୁ ଗୁରୁତ୍ୱ ଦେଇ ପାଳନ କରୁଛନ୍ତି । ଫେଶନ୍ ଜଗତ ପ୍ରଥମେ ବଧୂଙ୍କ ପାଇଁ ପୋଷାକ ସହ ମ୍ୟାଚିଂ ମାସ୍କ ତିଆରି କରି ଚର୍ଚ୍ଚା ପରିସରକୁ ଆସିଲା । ବର୍ତ୍ତମାନ ଭାରତର ପ୍ରମୁଖ ଡିଜାଇନରମାନେ ବରଙ୍କ ପୋଷାକ ସହ ମ୍ୟାଚିଂ କରି ମାସ୍କର ବଜାର ପ୍ରବେଶ କରାଇଛନ୍ତି । ରାଜସ୍ଥାନର ବିକାନେର୍ ସହରରେର ନାମୀ ଦାମୀ ପୋଷାକ ଶୋ'ରୁମ୍ ମାନ ଅଛି । ବିବାହ ଋତୁ ଆରମ୍ଭ ହୋଇଗଲାଣି, ସେସବୁ ସ୍ଥାନରେ ଗ୍ରାହକ ନିଜ ପୋଷାକ ବରାଦ ଦେଲେଣି । ବିକାନେର୍‌ରେ ଥିବା ଅନ୍ୟତମ ବଡ଼ ଶୋ' ରୁମ୍‌ର ମାଲିକ ଦିନେଶ ତିୱାରୀ କହିଛନ୍ତି, ୫-୬ ଦିନ ହେବ ତାଙ୍କ ଦୋକାନକୁ ନୂଆ ଡିଜାଇନର ଶେରୱାନୀ ସହ ମ୍ୟାଚିଂ ମାସ୍କ ଆସିଛି । ଯୁବପିଢ଼ି ଏସବୁ ଖୁବ୍ ପସନ୍ଦ କରିଥିବାବେଳେ ବରଯାତ୍ରୀଙ୍କ ପାଇଁ ମଧ୍ୟ ଗୋଟିଏ ଡିଜାଇନ୍‌ର ମାସ୍କ କିଣିବାକୁ ବରାଦ୍ ଦେଉଛନ୍ତି । ଶେରୱାନୀ ସହ ବିକ୍ରି ହେଉଥିବା ମ୍ୟାଚିଂ ମାସ୍କର ମୂଲ୍ୟ ୧,୨୦୦ ଟଙ୍କାରୁ ଆରମ୍ଭ ହୋଇ ୭,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ।

୬୦ ସେକେଣ୍ଡରେ ଫିଟ୍ ରୁହନ୍ତୁ

ପରିବର୍ତ୍ତନଶୀଳ ଜୀବନଶୈଳୀରେ ନିଜକୁ ଫିଟ୍ ରଖିବା ଜରୁରୀ । ହେଲେ ଛୋଟ ଛୋଟ କଥାକୁ ଆପଣାଇ କିପରି ଫିଟ୍ ରହିହେବ ସେକଥା ଖୁବ୍ କମ୍ ଲୋକ ଜାଣନ୍ତି ।



ଜୋତା ଘର ବାହାରେ ରଖନ୍ତୁ:
ଘର ଭିତରକୁ ଯିବା ସମୟରେ ଜୋତା ବାହାରେ ରଖନ୍ତୁ । ଫଳରେ ଧୂଳି, ମାଟି ଓ କେମିକାଲଜନିତ ସମସ୍ୟାରୁ ରକ୍ଷା ପାଇବେ । ଏହି ଅଭ୍ୟାସ ଦ୍ୱାରା ଘର ସଫାସୁତୁରା ରଖିପାରିବେ ।

ଖାଲି ଜାଗାରେ ଛିଙ୍କନ୍ତୁ ନାହିଁ:
ଛିଙ୍କ ଆସିଲେ ଯଦି ଟିଶୁ କି ନାପ୍‌କିନ୍ ନାହିଁ ତେବେ କାନ୍ଧ ବା କହୁଣୀରେ ନାକ ଢାଙ୍କିଦିଅନ୍ତୁ । ଏହାଦ୍ୱାରା କୀଟାଣୁଜନିତ ସଂକ୍ରମଣ ହେବାର ସମ୍ଭାବନା କମ୍ ଥାଏ ।

ଆଖିକୁ ଆରାମ ଦିଅନ୍ତୁ:
କର୍ମଜୀବୀ ଲୋକ ଓ ଛାତ୍ରଛାତ୍ରୀ ଅଧିକାଂଶ ସମୟ କମ୍ପ୍ୟୁଟର ସାମ୍ନାରେ ବିତାଇଥାନ୍ତି । କମ୍ପ୍ୟୁଟର ସ୍କ୍ରିନ୍‌ର ଲାଇଟ୍ ଆଖି ଉପରେ ପ୍ରଭାବ ପକାଇଥାଏ । ଆଉ ସ୍ପେଶାଲିଷ୍ଟ ଏଥିପାଇଁ ୨୦-୨୦-୨୦ର ନିୟମ କରିଛନ୍ତି । ପ୍ରତି ୨୦ ମିନିଟ୍‌ରେ କମ୍ପ୍ୟୁଟର ସ୍କ୍ରିନ୍‌ରୁ ଦୂରେଇ ରହିବାକୁ ହେଲେ ୨୦ ସେକେଣ୍ଡ୍ ପାଇଁ ୨୦ ଫୁଟ୍ ଦୂରରେ ଥିବା କୌଣସି ବସ୍ତୁକୁ ଦେଖନ୍ତୁ । ଏପରି କରିବା ଦ୍ୱାରା ଆଖିକୁ ଆରାମ ଦେଇପାରିବେ ।

ପାଣି ପିଅନ୍ତୁ:
ବହୁତ ପାଣି ପିଅନ୍ତୁ । କୁହାଯାଏ କି ପ୍ରତିଦିନ ୮ ଗ୍ଲାସ୍ ପାଣି ପିଇବା ଉଚିତ । ଆମ ଶରୀରରେର ୭୦ ପ୍ରତିଶତ ପାଣି ରହିଛି । ପାଚନ, ଅବଶୋଷଣ, ପୋଷକ ତତ୍ତ୍ୱକୁ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ପହଞ୍ଚାଇବା ଓ ଶରୀରର ତାପମାନ ରକ୍ଷା କରିବା ପାଇଁ ତରଳ ପଦାର୍ଥର ଆବଶ୍ୟକତା ରହିଛି ।

କ୍ରୋଧ ଆସିଲେ ୨୦ ପର୍ଯ୍ୟନ୍ତ ଗଣନ୍ତୁ:
ଯଦି ଅଧିକ ରାଗ ଲାଗୁଛି ତେବେ ୨୦ ପର୍ଯ୍ୟନ୍ତ ଗଣନ୍ତୁ ଓ ଜୋର୍‌ରେ ନିଃଶ୍ୱାସ ନିଅନ୍ତୁ । ଏପରି କରିବା ଦ୍ୱାରା ରାଗ ଶାନ୍ତ ହୋଇଯିବ । ଦୀର୍ଘ ନିଃଶ୍ୱାସ ନର୍ଭସ୍ ସିଷ୍ଟମ ଉପରେ ପ୍ରଭାବ ପକାଇ ଶାନ୍ତ ରଖିଥାଏ ।

ହରିଣଙ୍କୁ ପାଉଁରୁଟି ଓ ଫଳ ଖୁଆଇଲେ ମହିଳା

ଲାଗିଲା ୩୯ ହଜାର ଟଙ୍କା ଜରିମାନା

ଆମେରିକାର କୋଲୋରାଡୋର ଜଣେ ମହିଳା ହରିଣ ମୋହରେ ହରଡଘଣାରେ ପଡ଼ିଛନ୍ତି । ତାଙ୍କ ଘର ନିକଟକୁ ଆସିଥିବା ଏକ ହରିଣ ପଲକୁ ନିଜ ଘରକୁ ଟାକି ଆଣିଥିଲେ । ଲିଭିଙ୍ଗ ରୁମ୍ ପର୍ଯ୍ୟନ୍ତ ହରିଣ ଗୁଡ଼ିକ ଚାଲିଆସିବାରୁ ଏହି ମହିଳା ଜଣକ ହରିଣଙ୍କୁ ଖାଇବାକୁ ପାଉଁରୁଟି ଏବଂ ଫଳ ଦେଇଥିଲେ । ଭୋକିଲା ଥିବା ତିନୋଟି ହରିଣ ଏସବୁକୁ ଖାଇଦେଇଥିଲେ । ଏହାର ଭିଡିଓକୁ ସେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ହେଲେ ଭାଇରାଲ ହୋଇଯାଇଥିବା ଏହି ଭିଡିଓଗୁଡ଼ିକୁ ଯେତେବେଳେ ପାର୍କ ଏବଂ ବନ୍ୟଜନ୍ତୁ ଅଧିକାରୀଙ୍କୁ ସୂଚନା ମିଳିଲା, ସେମାନେ ତୁରନ୍ତ ଉକ୍ତ ମହିଳାଙ୍କୁ ଗିରଫ୍ କରିଥିଲେ । ଲରି ଡିକ୍ସନ୍ ନାମକ ଏହି ମହିଳା ନାମକ ଉପରେ ୩୯୧୭୨(୫୫୦ ଡଲାର) ହଜାର ଟଙ୍କାର ଜରିମାନା ଦଣ୍ଡ ଦେଇଛନ୍ତି । କୋଲୋରାଡୋ ପାର୍କ ଏବଂ ୱାଇଲ୍ଡ ଲାଇଫ୍ ନର୍ଥଇଷ୍ଟ ରିଜନରର ବନ୍ୟ ଅଧିକାରୀଙ୍କ କହିବା ମୁତାବକ, 'କୋଲେରାଡୋରେ ଜଙ୍ଗଲି ଜନ୍ତୁଙ୍କୁ ପୋଷା ବନାଇବା ଦଣ୍ଡନୀୟ ଅପରାଧ ଅଟେ । ଲରି ବନ୍ୟ ଜନ୍ତୁଙ୍କ ପ୍ରାକୃତିକ ଅଭ୍ୟାସକୁ ଭାଙ୍ଗିଥିଲେ । ହରିଣ ଗୁଡ଼ିକୁ ଫଳ ଏବଂ ପାଉଁରୁଟି ଖାଇବାରେ ଅଭ୍ୟସ୍ତ ନୁହଁନ୍ତି ବୋଲି ସେ କହିଛନ୍ତି । ସୂଚନା ଥାଉ ଯେ, ମହିଳା ଜଣକ ହରିଣଙ୍କୁ କଦଳୀ, କଟା ହୋଇଥିବା ସେଓ, ଗାଜର ଏବଂ ପାଉଁରୁଟି ଖାଇବାକୁ ଦେଇଥିଲେ ।

ଖୁସି ରହିବାର ଅଭ୍ୟାସ

କାମର ଚାପ ଏତେ ବଢୁଛି ଯେ ଯୁବବର୍ଗ ନିଜ ଅସ୍ତିତ୍ୱ ଏହା ମଧ୍ୟରେ ଭୁଲିଗଲେଣି । ଅଧିକାଂଶ ପରିବାରରେ ଆଜିକାଲି ନିୟମିତ କଳିଝଗଡ଼ା ଲାଗିରହୁଛି । ଏହା ପଛର ମୁଖ୍ୟ କାରଣ ହେଲା ପରସ୍ପରର ଅସୁବିଧାକୁ ନ ବୁଝିବା । ଏ ବାବଦରେ ଲଣ୍ଡନର ଗବେଷକ ଏନରି ଲ' କହିଛନ୍ତି ପ୍ରତ୍ୟେକେ ଖୁସି ରହିବାକୁ ଚେଷ୍ଟା କରନ୍ତୁ । ନିଜ ଇଚ୍ଛା ଅନୁସାରେ ଜୀବନଶୈଳୀ ଅତିବାହିତ କଲେ କୌଣସି କାମର ଚାପ ପଡ଼ିନଥାଏ । ଏକଥା ପରିବାରର ପ୍ରତ୍ୟେକ ସଦସ୍ୟ ବୁଝିବା ସହ କାର୍ଯ୍ୟାଳୟର ସହଯୋଗୀ ମଧ୍ୟ ହୃଦୟଙ୍ଗମ କରିବା ଉଚିତ । କେବଳ ନିଜ ଇଚ୍ଛା ଅନୁଯାୟୀ ଆଗକୁ ବଢ଼ିଲେ ହିଁ ଅବସାଦର ଚାପକୁ କମ୍ କରିହେବ ବୋଲି ବିଶେଷଜ୍ଞଙ୍କ ମତ । ଦେଶ ସ୍ୱାଧୀନ ହୋଇଯାଇଛି, କିନ୍ତି ପରିବାର ତରଫରୁ ଏ ପର୍ଯ୍ୟନ୍ତ ସଦସ୍ୟମାନଙ୍କୁ ସ୍ୱାଧୀନତା ମିଳିନାହିଁ । ସମସ୍ତେ ଏହି କତାର ତାତ୍ପର୍ଯ୍ୟ ବୁଝି ଅଗ୍ରସର ହେବା ଉଚିତ ।

ଝିଟିପିଟି ଘରେ ରହିବେନି

ପ୍ରାୟ ପ୍ରତ୍ୟେକଙ୍କ ଘରେ ଝିଟିପିଟି ଦେଖାଯାଇଥାଏ । ଏମାନଙ୍କୁ ଯେତେ ତଡିଲେ ବି ବାରମ୍ବାର ଆସୁଥାନ୍ତି । ଅସରପା ଏବଂ ଝିଟିପିଟି ଏ ଦୁଇଟି ଜୀବ ଘରେ ଦେଖାଯିବା ସାଧାରଣତ କଥା ହୋଇଥିଲେ ବି ଅନେକେ ଏହାକୁ ଭୟ କରନ୍ତି । ଝିଟିପିଟିଠାରୁ ମୁକ୍ତ ପାଇବାର କେତେକ ସାଧାରଣ ଘରୋଇ ଉପାୟ ଜାଣନ୍ତୁ-

-ଦିନରେ ବାରମ୍ବାର ଘର କାନ୍ଥକୁ ପାଣି ଛାଟିଲେ ବି ଝିଟିପିଟି ଦାଉରୁ ମୁକ୍ତି ମିଳେ । ଖାଲି ପାଣି ବଦଳରେ ଏକ ପାତ୍ରରେ ପିଆଜ ଓ ରସୁଣ ରସ ନେଇ ସେଥିରେ ପାଣି ମିଶାଇ କାନ୍ଥରେ ଏବଂ ଝିଟିପିଟି ବେଶୀ ଆସୁଥିବା ସ୍ଥାନରେ ଛାଟିଲେ ସୁଫଳ ମିଳିଥାଏ । ପାଣିରେ ଗୋଲମରିଚ ଗୁଣ୍ଡ ମିଶାଇ ବି ଛିଞ୍ଚିପାରିବେ । କାରଣ, ଏଗୁଡ଼ିକର ତୀବ୍ର ଗନ୍ଧ ଝିଟିପିଟି ସହିପାରେ ନାହିଁ ।

-ମୟୂର ପୁଚ୍ଛକୁ ଝିଟିପିଟି ଭୟ କରେ । ତେଣୁ ଯେଉଁଠାରେ ବେଶୀ ଝିଟିପିଟି ଦେଖାଯାଉଛନ୍ତି, ସେ ସ୍ଥାନରେ କିମ୍ବା ଫୁଲଦାନିରେ ବି କେତୋଟି ମୟୂର ପୁଚ୍ଛ ରଖିଦିଅନ୍ତୁ ।

ତ୍ୱଚା ପାଇଁ ଫଳର ମାସ୍କ

ବୟସର ଛାପ ପଡ଼ିଲେ ତ୍ୱଚା ରୁକ୍ଷ ହେବା ।ସହ ଭାଙ୍ଗ ପଡ଼ିବା ଆରମ୍ଭ କରେ । ପାର୍ଲରର ଦାମୀ ଫେସିଆଲ୍ ପରିବର୍ତ୍ତେ ଘରୋଇ ଉପାୟରେ ଏହାର ଚର୍ଚ୍ଚା କରନ୍ତୁ । ଦିନକେଇଟାରେ ଆପଣଙ୍କ ତ୍ୱଚାରେ ଏକ ନୂଆ ଚମକ ଅନୁଭବ କରିପାରିବେ ।

♦ ଖରାଦିନେ ବଜାରରେ ଅଙ୍ଗୁରର ପସରା ଦେଖିବାକୁ ମିଳେ । ଅଙ୍ଗୁର ରସ ଦେହ ପାଇଁ ହିତକର ହୋଇଥିବାବେଳେ ତ୍ୱଚାର ଯତ୍ନ ମଧ୍ୟ ଏହା ଦ୍ୱାରା ନେଇହେବ । ବିଶେଷଜ୍ଞଙ୍କ ମତରେ ଉଭୟ ଅଙ୍ଗୁର ଓ ସେଓରେ ପର୍ଯ୍ୟାପ୍ତ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଛି । ୧୦-୧୨ଟି ଅଙ୍ଗୁର ଓ ଫାଳେ ସେଓ ନେଇ ଗ୍ରାଇଣ୍ଡିଂ କରିନେବେ । ପରେ ସେହି ପ୍ୟାକ୍‌କୁ ତ୍ୱଚାରେ ଲଗାଇ ୩୦ ମିନିଟ୍ ପରେ ଧୋଇନେବେ । ସପ୍ତାହରେ ୨-୩ଥର ଏଇ ପ୍ୟାକ୍ ଲଗାନ୍ତୁ । ଫରକ୍ ନିଜେ ହିଁ ଜାଣିପାରିବେ ।

♦ ଆମ୍ବ ଫଳରେ ଭିଟାମିନ୍ସ, ମିନେରାଲ୍ସ, ନ୍ୟୁଟ୍ରିସନ୍ ପର୍ଯ୍ୟାପ୍ତ ପରିମାଣରେ ଥାଏ । ଏହାର ପ୍ୟାକ୍ ମଧ୍ୟ ତ୍ୱଚାର ରଙ୍ଗ ସଫା କରିବା ସହ ସନ୍-ଟ୍ୟାନ୍ ଦୂର କରେ । ଅଧ କପ୍ ଆମ୍ବ ରସରେ ମୁଲତାନି ମାଟି ଓ ବେସନ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇବେ । ପ୍ୟାକ୍ ଶୁଖିବା ପରେ ତ୍ୱଚାକୁ ଭଲଭାବେ ଧୋଇନିଅନ୍ତୁ । ସପ୍ତାହକୁ ଥରୁଟିଏ ଏଇ ପ୍ୟାକ୍ ଲଗାଇଲେ ଲାଭ ମିଳେ ।

ଓଗସ୍ ଖାଇ ସୁସ୍ଥ ରୁହନ୍ତୁ

ବଲିଉଡ ଓ ହଲିଉଡ ସିନେତାରକାଙ୍କ ପ୍ରମୁଖ ଖାଦ୍ୟ ପାଲଟିଛି ଓଟସ୍ । ବଜାରରେ ମଧ୍ୟ ବିଭିନ୍ନ ସୁଆଦର ଓଟସ୍ ଉପଲବ୍ଧ ହେଉଥିବା ବେଳେ ଖାଦ୍ୟ ବିଶେଷଜ୍ଞଙ୍କ ମତରେ ରୋଲ୍ଡ ଓଟସ୍ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଏକ ପ୍ରକୃଷ୍ଟ ଖାଦ୍ୟ ।

■ଜଣେ ବ୍ୟକ୍ତି ସକାଳ ଜଳଖିଆ ହେଉ କିମ୍ବା ଦ୍ୱିପହର ଭୋଜନ ଅବା ରାତ୍ରିଜଳା ଯେ କୌଣସି ସମୟରେ ଓଟସ୍ ଖାଇପାରିବ । -ଓଟସ୍‌କୁ ଖିରରେ ଅବା ଦହିରେ ମିଶାଇ ନଚେତ୍ ଓଟସ୍ ଖେଚୁଡ଼ି କରି ମଧ୍ୟ ଖାଇହେବ । ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଭରପୂର ଏହି ଓଟସ୍ ଯୁବ ପିଢ଼ି ଓ ବୟସ୍କ ବର୍ଗ ଉଭୟ ଖାଇପାରିବେ । ସକାଳବେଳା ଜଳଖିଆରେ ଏହା ଖାଇଲେ ଅନେକ ସମୟ ପର୍ଯ୍ୟନ୍ତ ଭୋକ ଲାଗେନାହିଁ ।

■କୋଲେଷ୍ଟରଲ୍ କମ୍ ଥିବା ଏଇ ଖାଦ୍ୟ ମେଦବହୁଳ ରୋଗୀଙ୍କ ନିମନ୍ତେ ଖୁବ୍ ଭଲ ।

ବିଶ୍ୱରେ ବଢୁଛି ମଧୁମେହ ରୋଗ

୨୦୪୦ ସୁଦ୍ଧା ଭାରତରେ ଟାଇପ-୧ ମଧୁମେହ ରୋଗୀଙ୍କ ସଂଖ୍ୟା ୧୧୬ ପ୍ରତିଶତ ବୃଦ୍ଧି ପାଇବ । ବିଶ୍ୱରେ ଏହା ୧୦୬.୯ ପ୍ରତିଶତ ବୃଦ୍ଧି ପାଇଥିବା ନେଇ ଲେନସେଟ୍ ଡାଇବିଟିକ୍ସ ଆଣ୍ଡ ଏଣ୍ଡୋକ୍ରିନୋଲୋଜି ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟରୁ ସ୍ପଷ୍ଟ ହୋଇଛି । ୨୦୨୧ ମସିହାରେ ବିଶ୍ୱର ୮୪ ଲକ୍ଷ ୨୩ ହଜାର ୫୩୦ ଜଣଙ୍କଠାରେ ଟାଇପ-୧ ମଧୁମେହ ରୋଗ ଚିହ୍ନଟ କରାଯାଇଛି । ଏମାନଙ୍କ ମଧ୍ୟରେ ୬୪ ପ୍ରତିଶତ ୨୦-୫୯ ବର୍ଷୀୟ ଅଟନ୍ତି । ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ୮ ଲକ୍ଷ ୧୮ ହଜାର ୬୨୦ । ୨୦୨୦ ମସିହା ତୁଳନାରେ ଏହା ୫.୧ ପ୍ରତିଶତକୁ ବୃଦ୍ଧି ପାଇଛି । ଲେନସେଟ୍‌ର ଏହି ଅଧ୍ୟୟନ ଅନୁସାରେ, ବିଶ୍ୱରେ ଦେଖାଯାଉଥିବା ଟାଇପ-୧ ମଧୁମେହ ରୋଗୀଙ୍କ ମଧ୍ୟରୁ କେବଳ ୬୦ ପ୍ରତିଶତ ଭାରତର । ଯୁକ୍ତରାଷ୍ଟ୍ର ଆମେରିକାରେ ସର୍ବାଧିକ ୧୪ ଲକ୍ଷ ୧୪ ହଜାର ୪୪୧, ଭାରତରେ ୮ ଲକ୍ଷ ୧୮ ହଜାର ୬୨୦, ବ୍ରାଜିଲରେ ୫ ଲକ୍ଷ ୬୪ ହଜାର ୨୪୯, ଚାଇନାରେ ୪ ଲକ୍ଷ ୩୦ ହଜାର ୬୪୭, ଜର୍ମାନରେ ୪ ଲକ୍ଷ ୨୨ ହଜାର ୮୭ ଜଣଙ୍କଠାରେ ମଧୁମେହ ଚିହ୍ନଟ କରାଯାଇଛି । ଇନସୁଲିନ ଉପରେ ନିର୍ଭରଶୀଳ ଟାଇପ-୧ ମଧୁମେହ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଭାରତରେ ଅଣସଂକ୍ରାମକ ରୋଗ ତାଲିକାରେ ମଧୁମେହ ରୋଗୀଙ୍କ ସଂଖ୍ୟା ସର୍ବାଧିକ ନୁହେଁ । ୨୦୧୯ ମସିହାରେ ସମୁଦାୟ ମୃତ୍ୟୁର ୬୬ ପ୍ରତିଶତ ଲୋକଙ୍କର ଅଣସଂକ୍ରାମକ ରୋଗ ଯୋଗୁଁ ମୃତ୍ୟୁ ହୋଇଥିଲା ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୯ ସେପ୍ଟେମ୍ବର ୨୦୨୨, ଗୁରୁବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ମାତୃ ମୃତ୍ୟୁହାର...

ମାତୃ ମୃତ୍ୟୁହାର ଦେଶ ପାଇଁ ଏକ ଚିନ୍ତାଜନକ ପ୍ରସଙ୍ଗ ହୋଇଥିବା ବେଳେ ନିକଟରେ ଏହାର ହ୍ରାସ ସମ୍ପର୍କିତ ଏକ ସୁଖବର ନେଇ ଆସିଛି ଏସ୍‌ଆର୍‌ଏସ୍ (ସାମ୍ପଲ୍ ରେଜିଷ୍ଟ୍ରେସନ ସିଷ୍ଟମ୍- ନମୁନା ପଞ୍ଜିକରଣ ବ୍ୟବସ୍ଥା)। ଏହା ଜଣାଇଛି ଯେ ଭାରତରେ ଏସ୍‌ଆର୍‌ଏସ୍ (ମାତୃ ମୃତ୍ୟୁହାର) ହ୍ରାସ ପାଉଛି। ସୂଚାଇ ଦିଆଯାଇପାରେ କି, ଏସ୍‌ଆର୍‌ଏସ୍ ହେଉଛି ଏକ ବଡ ଧରଣର ଜନସଂଖ୍ୟାଭିତିକ ସର୍ଭେ ଯାହା ଜାତିୟ ତଥା ରାଜ୍ୟ ସ୍ତରରେ ଶିଶୁ ମୃତ୍ୟୁହାର, ଜନ୍ମହାର, ମୃତ୍ୟୁହାର ଏବଂ ପ୍ରଜନନ ଓ ମୃତ୍ୟୁହାର ସମ୍ପର୍କିତ ଭରସାଯୋଗ୍ୟ ସୂଚନା ପ୍ରଦାନ କରିଥାଏ। ଏସ୍‌ଆର୍‌ଏସ୍‌ର ସଦତମ ରିପୋର୍ଟ ଅନୁସାରେ ୨୦୧୪-୧୬ ଏବଂ ୨୦୧୫-୧୭ ମଧ୍ୟରେ ମାତୃ ମୃତ୍ୟୁହାର ୮ ପଏଣ୍ଟ୍ ହ୍ରାସ ପାଇଛି। ସଂଖ୍ୟା ଦୃଷ୍ଟିରୁ ଗଣନା କଲେ ଏହି ସମୟ ଅବଧି ମଧ୍ୟରେ ବାର୍ଷିକ ୨ ହଜାର ମାତୃ ମୃତ୍ୟୁକୁ ଏଡାଇ ଦିଆଯାଇ ପାରିଛି। ରିପୋର୍ଟରେ ଲକ ଲକ୍ଷ ଜପନ୍ତ ଶିଶୁଙ୍କ ଜନ୍ମରେ ଏମ୍‌ଏମ୍‌ଆର୍‌ର ସଂଖ୍ୟା ଦର୍ଶାଯାଇଥିବା ବେଳେ ଏ କ୍ଷେତ୍ରରେ ୧ ଲକ୍ଷରେ୨୨୯ ମହିଳାଙ୍କ ମୃତ୍ୟୁ ସହିତ ଆସାମ ଶୀର୍ଷ ଦେଶରେ ରହିଛି।ଅର୍ଥାତ୍ ଆସାମରେ ମାତୃ ମୃତ୍ୟୁହାର ସର୍ବାଧିକ। ଅପର ପକ୍ଷରେ କେରଳ ଏହି ହାର ମାତ୍ର ୪୨ରେ ସୀମିତ ରହି ରାଜ୍ୟକୁ ତାଲିକାରେ ସର୍ବନିମ୍ନ ସ୍ଥାନରେ ରଖିଛି।ତଥ୍ୟ ଅନୁସାରେ ଏମ୍‌ଏମ୍‌ଆର୍ ହାରାହାରି ୨୬.୯ ପ୍ରତିଶତ। ହ୍ରାସ ପାଇଛି। ଦେଶର ଦାକ୍ଷିଣାତ୍ୟ ରାଜ୍ୟକୁଡିକରେ ୧ଲକ୍ଷ ଜୀବନ୍ତ ଶିଶୁଙ୍କ କ୍ଷେତ୍ରରେ ଏମ୍‌ଏମ୍‌ଆର୍ ୭୭ରୁ ୭୨କୁ ଖସି ଆସିଥିବା ବେଳେ ଅନ୍ୟାନ୍ୟ ରାଜ୍ୟରେ ଏହା ୯୩ରୁ ୯୦ କୁ ଖସିଛି। ଏହି ସଫଳତା ପଛର ଏକ ପ୍ରମୁଖ କାରଣ ମାତୃତ୍ୱଜନିତ ସ୍ୱାସ୍ଥ୍ୟସେବାରେ ଉନ୍ନତି ଘଟାଯିବା ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ସନ୍ଦେହ ନାହିଁ ଯେ ୨୦୦୫ ଠାରୁ ସନ୍ତାନ ସମ୍ଭବା ମହିଳାମାନଙ୍କୁ ପ୍ରସବକାଳୀନ ସୁବିଧା ଯୋଗାଇ ଦିଆଯିବା କ୍ଷେତ୍ରରେ ପାଖାପାଖି ତିନିଗୁଣ ବୃଦ୍ଧି ଘଟିଛି ଏବଂ ଏହି ସମୟ ଭିତରେ ଅଧିକାଂଶ ପ୍ରସବ ବିଭିନ୍ନ ଚିକିତ୍ସା ଅନୁଷ୍ଠନରେ କରାଯାଇଛି। ଆଉ ଏହାକୁ ସୁଗମ କରିବା ପାଇଁ ପ୍ରସୂତୀ ମହିଳା ମାନଙ୍କୁ ଜନସ୍ୱାସ୍ଥ୍ୟ ଅନୁଷ୍ଠାନକୁ ଆାଣିବାପାଇଁ ମାଗଣାରେ ପରିବହନର ସୁବିଧା ଯୋଗାଇ ଦିଆଯିବା ଏକ ବଡ ଧରଣର ଉପକାର ଯାହାର ପରିଣତି ସୁଖଦ ହୋଇଛି। ତେବେ ଏହି ସଫଳତାରେ ସନ୍ତୁଷ୍ଟ ହୋଇ ବସିଗଲେ ଚଳିବ ନାହିଁ। ନିକଟରେ ଜାତିସଂଘଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଦର୍ଶାଇଛି ଯେ ଭାରତର ସହରାଚଳଗୁଡିକରେ ମୋାଟ ଜନସଂଖ୍ୟାର ଏକ-ଚତୁର୍ଥାଂଶ ବାସ କାରୁଥିବା ବେଳେ ଏସବୁରେ ସ୍ୱାସ୍ଥ୍ୟସେବାର ତିନି- ଚତୁର୍ଥାଂଶ ଭିତିଭୂମି ଉପଲବ୍ଧ। ଅର୍ଥାତ୍ ସ୍ୱାସ୍ଥ୍ୟସେବା ଦୃଷ୍ଟିରୁ ଗ୍ରାମାଚଳରୁ ପ୍ରସୂତୀଙ୍କୁ ପ୍ରସୂତୀକାଳୀନ ସେବା ପ୍ରଦାନର ବ୍ୟବସ୍ଥା ଥିବା ସହରାଚଳର ହସ୍‌ପିଟାଲ୍‌କୁ ଆଣିବାରେ ଅନେକ ସମୟ ଖର୍ଚ୍ଚ ହୋଇଥାଏ। ଆଉ ସମୟ ହିଁ ସବୁଠୁ ବଡ ପ୍ରସଙ୍ଗ, କାରଣ ଯେଉଁ ପ୍ରସୂତୀମାନଙ୍କ କ୍ଷେତ୍ରରେ ଜଟିଳ ସମସ୍ୟା ଥାଏ, ସେମାନଙ୍କ ପାଇଁ ଗୋଟିଏ ଗୋଟିଏ ମୁହୂର୍ତ୍ତ ହିଁ ଜୀବନ ଓ ମୃତ୍ୟୁପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥାଏ। ଓଡିଶାରେ ତ ଅନେକ ଗ୍ରାମାଅଂଚଳକୁ ଏବେ ବି ଉତ୍ମ ଯୋଗାଯୋଗର ବ୍ୟବସ୍ଥା ନାହିଁ ଯେଉଥିପାଇଁ ଖଟିଆରେ ପ୍ରସୂତୀଙ୍କୁ ବୁହାହେବାର ଦୃଶ୍ୟ ବା ରାସ୍ତାରେ ସନ୍ତାନ ପ୍ରସବ କରୁ ଥିବାର ଫଟୋ ପ୍ରାୟତଃ ପ୍ରକାଶ ପାଇଥାଏ ସମ୍ବାଦପତ୍ରମାନଙ୍କରେ। ଏତଦ୍ ବ୍ୟତୀତ ଗ୍ରାମାଚଳରେ ସାରକାରଙ୍କ ଉନ୍ନୟନମୂଳକ ଯୋାଜନାର କାର୍ଯ୍ୟାନ୍ୱୟନରେ ଶିଥିଳତା ଅନେକତ୍ର ପରିଲକ୍ଷିତ ହୋଇଥାଏ। ଉଦାହରଣ ଭାବରେ ନିଆଯାଇପାରେ ନ୍ୟାସନାଲ ହେଲ୍‌ଥ୍ ପ୍ରୋଫାଇଲକୁ। ଏହାର ତଥ୍ୟ ଅନୁସାରେ, ଏମ୍‌ଏମ୍‌ଆର୍ ହ୍ରାସ ପାଇଁ ଏକ ପ୍ରମୁଖ ଆାବଶ୍ୟକତା ଭାବରେ ବିବେଚିତ ପ୍ରାକ୍- ମାତୃତ୍ୱ ସେବା ଯନ ପାଇବାରୁ ୨୧ ପ୍ରତିଶତ ମହିଳା ବଚିତ ହୋଇଥାନ୍ତି। ଏଥିରେ ତେଣୁ ବିସ୍ମିତ ହେବାର କିଛି ନାହିଁ ଯେ ମାତ୍ର ୨ବର୍ଷ ପୂର୍ବେ ଭାରତ ଏମ୍‌ଏମ୍‌ଆର କ୍ଷେତ୍ରରେ ସମଗ୍ର ବିଶ୍ୱରେ ୧୨ ପ୍ରତିଶତ ହାସଲ କାରିଥିଲା। ଏଥିରେ ଦ୍ୱିମତ ନାହିଁ ଯେ ମହିଳାମାନଶଶଙ୍କ ପ୍ରଜନନ ସ୍ୱାସ୍ଥ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟାପାର। ତେଣୁ ଦେଶର ନୀତି ନିଦ୍ଧାରକମାନେ ଏହା ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ।୨୦୧୫ ମସିହାର ଏକ ଅଧ୍ୟୟନରୁ ଜଣାପଡେ ଯେ ଅସୁରକ୍ଷିତ ଗର୍ଭପାତ ୧୦ରୁ ୧୩ ପ୍ରତିଶତ ଏମ୍‌ଏମ୍‌ଆର୍ ପାାଇଁ ଦାୟୀ ହୋଇଥାଏ।ଏହାର ଅର୍ଥ ନୁହେଁ ଯେ ପୁତ୍ର ସନ୍ତାନ କାମନା ଓ କନ୍ୟାଭ୍ରୂଣ ହତ୍ୟା ଅବୈଧ ଗର୍ଭପାତର ଏକମାତ୍ର କାରଣ। କେତେକ କ୍ଷେତ୍ରରେ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ବାଧ କରିଥାଏ ଆଇନାନୁମୋଦିତ ନିୟମକୁ ଉଲ୍ଲଙ୍ଘନ କରି ବେଆଇନ୍ ଗର୍ଭପାତ ପାଇଁ ଯଦ୍ୱାରା ଜୀବନ ହାନିର ସମ୍ଭାବନା ଅଧିକ ହୋଇଯାଇଥାଏ। ପୁନଶ୍ଚ, କେତେକ କ୍ଷେତ୍ରରେ କମ୍ ବୟସରେ ଅବାଚିତ ଗର୍ଭ ଧାରଣ ବାଧ କରିଥାଏ ଅବୈଧ ଗର୍ଭପାତ ପାଇଁ ଏବଂ ଏହା ସାାଧାରଣତଃ ଯୌନ ଶିକ୍ଷାର ଅଭାବରୁ ଘଟିଥାଏ। ତଥ୍ୟ ଅନୁସାରେ ଏମ୍‌ଏମ୍‌ଆର୍ କ୍ଷେତ୍ରରେ ୪ ପ୍ରତିଶତ ଥିଲା ୧୫ରୁ ୧୯ ବର୍ଷ ବୟସ ବର୍ଗର। ଦେଶରେ ମାାତୃ ମୃତ୍ୟୁହାର ପାଇଁ ବାଲ୍ୟ ବିବାହ ଅନ୍ୟତମ କାରଣ ହୋଇଥିବା ବେଳେ ଏହି ସମସ୍ୟା ଏବେବି କେତେକ ଭାଗରେ ରହିଛି। ସର୍ବୋପରି ପ୍ରଦୂଷଣର ମଧ୍ୟ ପ୍ରଭାବ ରହିଛି ଯାହା ମହିଳାମାନଙ୍କ ଶରିରରେ ଲୌହସାର ହ୍ରାସର କାରଣ ପାଲଟି ଥାଏ। ଆଗାମୀ ସମୟରେ ଏହି ସମସ୍ୟା ବ୍ୟାପକ ହେବାର ଆଶଙ୍କା ରହିଛି ବୋଲି କେତେକ ବୈଜ୍ଞାନିକ ଭବିଷ୍ୟବାଣୀ କରିଛନ୍ତି। ଏଣୁ ଏସବୁ ଆଖିରେ ରଖି ଏମ୍‌ଏମ୍‌ଆର ହ୍ରାସକୁ ବଢାଇବା ପାଇଁ ନୀତି ନୀଦ୍ଧାରକମାନେ ଆଗାମୀ ସମୟର ଯୋଜନା ପ୍ରସ୍ତୁତ କରିବା ଉଚିତ।

ରାଜ୍ୟ ମୋହରେ କୂଟନୈତିକ ମହାସମର

ଡକ୍ଟର ଲକ୍ଷ୍ମଣ ସାହୁ

ମହାଭାରତ କାହାଣୀର ପଟଭୂମିପରେ ଏଭଳି ଘଟଣାର ଯବନିକା ନାହିଁ । ସୁରଥ ରାଜାଙ୍କ ପୁତ୍ର ଜୟଦ୍ରଥର ରାଜଗାଦି ପ୍ରାପ୍ତି ମଧ୍ୟ ଠିକ୍ ପୁରୁ, ପ୍ରବୀରଙ୍କ ଭଳି ଘଟିଥିଲା । ଯାହାର ଅବତାରଣା ଏଠାରେ ଅନାବଶ୍ୟକ ମନେହୁଏ । କେବଳ କୌଟିଲ୍ୟଙ୍କ ମତାନୁସାରେ ଏଭଳି ପୁତ୍ରମାନେ ସଦା କାଳେ ଦୁର୍ବୁଦ୍ଧି ସଂପନ୍ନ ଅଟନ୍ତି । କାରଣ ରାଜଗାଦି ପ୍ରାପ୍ତି ଉଦ୍ଦେଶ୍ୟରେ ଏମାନେ ଜନ୍ମିତ ପିତାଙ୍କୁ ମଧ୍ୟ ହତ୍ୟା କରିବାକୁ ପଛାନ୍ତି ନାହିଁ । କୌଟିଲ୍ୟ ତାଙ୍କ ଅର୍ଥଶାସ୍ତ୍ରରେ ରାଜପୁତ୍ରମାନଙ୍କୁ ତିନି ଭାଗରେ ଯଥା ବୁଦ୍ଧିମାନ, ଆହାର୍ଯ୍ୟ ବୁଦ୍ଧି ଓ ଦୁର୍ବୁଦ୍ଧି ବୋଲି ଦର୍ଶାଇଛନ୍ତି ।

ମହାଭାରତ ଏକ ଚିତ୍ତାକର୍ଷକ କାହାଣୀ, ଗୋଟିଏ ଲମ୍ବା କାହାଣୀର ଚିତ୍ରପଟ୍ଟ । ଗୋଟିଏ ଗୋଟିଏ କାହାଣୀରୁ ଅନେକ ଉପକାହାଣୀର ସୃଷ୍ଟି। ଅନେକ ଏହାକୁ ବ୍ୟାଖ୍ୟା କରି ଆଧ୍ୟାତ୍ମିକ ତତ୍ତ୍ୱ ସମ୍ବଳିତ ଧର୍ମ ଶାସ୍ତ୍ର ଭାବରେ ଗ୍ରହଣ ଓ ପୂଜିତ କରିଆସୁଛନ୍ତି । ଶ୍ରୀକୃଷ୍ଣଙ୍କ ଧର୍ମ ସଂସ୍ଥାପନ ନିମିତ୍ତ ଏହାର ମୂଳ ଭିତ୍ତିକ ଗୋପନ ରହସ୍ୟ । ବିଭିନ୍ନ ଲୋକାଚାର ଓ ଲୋକସଂସ୍କୃତି ସଂପନ୍ନ ସମାଜ ବିଜ୍ଞାନ, ଐତିହାସିକ, ଭେଶୋଳିକ ଓ ଅର୍ଥନୀତିକ ଆଲୋଚନା ଓ ପର୍ଯ୍ୟାଲୋଚନାର ଏକ ଅମୂଲ୍ୟ ସ୍ୱାକ୍ଷର । ରାଜନୈତିକ ପଶାକାଠିର ଛନ୍ଦାୟିତ ପ୍ରତିଦ୍ୱନ୍ଦିତା ପ୍ରତିଯୋଗିତାର ଶେଷ ଉପପାଦ୍ୟ ସଂକଳିତ ସକଳ ଯୋଗ ବିୟୋଗ ଗୁଣନ ହରଣର ନିଷ୍କର୍ଷ । କେଉଁଠି କେମିତି ପ୍ରତ୍ୟେକଟି ଚରିତ୍ର ଭିତରେ ନୀତି ନିପୁଣତା, ନୈତିକତା, ଦୂରଦୃଷ୍ଟି ଓ କୂଟନୀତିର ବର୍ଣ୍ଣାଢ୍ୟ ଶୋଭା ମଣ୍ଡିତ ଭାବଧାରା । ଦେଶ ବା ରାଜ୍ୟ ଯେତେବେଳେ ଶାସକଙ୍କ ଦ୍ୱାରା ବିପର୍ଯ୍ୟୟର ସମ୍ମୁଖୀନ ହୁଏ ଏକ ନୈତିକତାପୂର୍ଣ୍ଣ ସୁଶାସନ ପାଇଁ ସ୍ମରଣକୁ ଆସେ ରାମାୟଣ ଓ ମହାଭାରତ । ବାଲ୍ମିକୀଙ୍କ ରାମାୟଣ ଓ ବ୍ୟାସଙ୍କ ମହାଭାରତ ସେହି ଜନକଲ୍ୟାୟଣଧର୍ମୀ ଆଦର୍ଶ ସମୟ'ର ଚକ୍ରରେ ଦୃଷ୍ଟିଗୋଚର ହୋଇଥାଏ । ନ୍ୟାୟୋଚିତ ପଥରେ ଧର୍ମ ମାର୍ଗରେ ପ୍ରଜାପାଳନ କଲେ ରାଜ୍ୟ ଓ ଦେଶର ସର୍ବବିଧ ଉନ୍ନତି ଘଟେ । ଯେତେବେଳେ ସାଧାରଣ ଜନତାଙ୍କ ସୁଖ ବୃଦ୍ଧି, ଆୟ ବୃଦ୍ଧି, ଐଶ୍ୱର୍ଯ୍ୟ ବୃଦ୍ଧି ପାଏ, କୃଷିର ସମୃଦ୍ଧି ଘଟେ ସେତେବେଳେ ରାଜ୍ୟ ଓ ଦେଶର ସର୍ବସିଦ୍ଧି ସାଧିତ ହୋଇଯାଏ ।

ମହାଭାରତରେ ଅତି ଚମତ୍କାର କୂଟନୀତି ଭିତରେ ରାଜଧର୍ମର ପ୍ରତିପାଦନ ବିସ୍ମୟ ଲାଗେ । ମହାଭାରତୀୟ ପରଂପରାରେ ରାଜନୀତି ବ୍ୟାଖ୍ୟା କରଣ ସମଗ୍ର ମହାଭାରତର ପୃଷ୍ଠଭାଗରେ ସ୍ୱୟଂ ଗଙ୍ଗା ଶାନ୍ତନୁଙ୍କୁ , ଗାନ୍ଧାରୀ ଦୁର୍ଯ୍ୟୋଧନଙ୍କୁ ଯୁଧିଷ୍ଠିର ଧୃତରାଷ୍ଟ୍ରଙ୍କୁ, ଭୀଷ୍ମ ଓ ଯୁଧିଷ୍ଠିରଙ୍କୁ ବ୍ୟକ୍ତ କରିଛନ୍ତି । ଜଣେ ରାଜାଙ୍କୁ ରାଜପଦବୀରେ ସ୍ଥିତିଶୀଳ କରାଇବା ନିମନ୍ତେ ଯେଉଁ ସବୁ ନୀତି ନିୟମ, ବିଧିବିଧାନ, ଆଚରଣ ଓ ଶୃଙ୍ଖଳାର ଆବଶ୍ୟକ ଅଛି ତାହାହିଁ ପ୍ରକୃତ ରାଜଧର୍ମ । କୌଟିଲ୍ୟ ତାଙ୍କ ଅର୍ଥଶାସ୍ତ୍ରରେ ପ୍ରଜାମାନଙ୍କୁ ଅତ୍ୟାଧିକ ସୁଖ ଓ ସ୍ୱାଚ୍ଛନ୍ଦ୍ୟ ଦେବା ରାଜାର କର୍ତ୍ତବ୍ୟ ବୋଲି ଦର୍ଶାଇଛନ୍ତି । କୌଟିଲ୍ୟ ରାଜତନ୍ତ୍ରର ଜଣେ ପ୍ରଧାନ ପୃଷ୍ଠପୋଷକ ଥିବାରୁ ସେ ତାଙ୍କ ଅର୍ଥଶାସ୍ତ୍ରରେ ରାଷ୍ଟ୍ର ଶାସନକୁ ପ୍ରଜାମାନଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ନିୟୋଜିତ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି । କୌଣସି ରାଜ୍ୟ ଅସୀମ ସାର୍ବଭୌମ କ୍ଷମତା ଉପଭୋଗ କରୁଥିଲେ ମଧ୍ୟ କଦାପି ସ୍ୱେଚ୍ଛାଚାରୀ କି ପ୍ରଜାପୀଡନ ହେବା ଉଚିତ୍ ନୁହେଁ । ପ୍ରଜାମାନଙ୍କ ସ୍ୱାର୍ଥ ସାମାଜିକ ଶୃଙ୍ଖଳା ଜନକଲ୍ୟାଣ ଓ ନ୍ୟାୟ ପ୍ରଶାସନକୁ ଦୃଷ୍ଟିରେ ରଖି ଶାସନ କରିବାକୁ ପରାମର୍ଶ ଦେଇଛନ୍ତି- ' ପ୍ରଜାସୁଖେ ସୁଖଂ ରାଜ୍ଞଃ ପ୍ରଜାନାଂ ଚ ହିତ ହିତମ୍ / ନାତ୍ମପ୍ରିୟଂହିତଂ ରାଜ୍ଞଃପ୍ରଜାନାଂ ତୁ ପ୍ରିୟଂ ହିତମ୍ ।

ଅର୍ଥାତ୍ ପ୍ରଜାମାନଙ୍କ ସୁଖରେ ରାଜାଙ୍କ ସୁଖ ନିହିତ ଓ ପ୍ରଜାଙ୍କ ମଙ୍ଗଳରେ ରାଜାଙ୍କ ମଙ୍ଗଳ ଘଟିଥାଏ । ଏ ରାଜନୀତି ଓ ରାଜ୍ୟ ଶାସନ କେବେ କିପରି ଘଟିଛି ପୃଥିବୀର ଉତ୍ପତ୍ତି ଭଳି ରହସ୍ୟମୟ । ବିଶ୍ୱ ଜଗତରେ ଆଦି ମାନବର ଆବିର୍ଭାବ କେବେ , କିପରି , କେଉଁଠି ଓ କାହିଁକିର ଯେଭଳି ଯର୍ଥାତ୍ ଉତ୍ତର ନାହିଁ । କିନ୍ତୁ ମାନବ ଯେତେବେଳେ ବସବାସ ଆରମ୍ଭ କଲା ସେତିକିବେଳେ ସହଯୋଗ, ସହାବସ୍ଥାନ ଓ ସାମାଜିକ ମନୋବୃତ୍ତିର ଆବରଣ ଭିତରେ ରାଜନୀତିର ଅଙ୍କୁରାରୋଦ୍ଗମ୍ ଯେ ନଘଟିଥିବ କୁହାଯାଇନପାରେ । ଧୀରେ ଧୀରେ ରାଜାଙ୍କ ଶାସନକାଳରେ ପ୍ରଜାମାନଙ୍କ ପ୍ରତି ସମ୍ବେଦନଶୀଳ ଭାବ ହେଉ ଅବା କଠୋର ନିୟମର କଡ଼ାଶାସନ ଥିବା ଅନୁମେୟ କରାଯାଇପାରେ । ତେଣୁ ରାମାୟଣ ଓ ମହାଭାରତ ଭଳି ମହାକାବ୍ୟ ସର୍ଜନାରେ ରାମାୟଣରେ ରାମରାଜ୍ୟର ପରିକଳ୍ପନା ବା ମହାଭାରତର ରାଜ କୂଟନୀତିର ସଚେତନତା ଦେଖିବାକୁ ମିଳିଥାଏ ।

ପ୍ରଜାରକ୍ଷା ଓ ପ୍ରଜାପାଳନ ରାଜାଙ୍କ ମୁଖ୍ୟ କର୍ତ୍ତବ୍ୟ । ଯେକୌଣସି ଉପାୟରେ ଶତ୍ରୁମାନଙ୍କୁ ପରାଜୟର ସ୍ୱାଦ ଚାଖିବାକୁ ଦେଇ ନିଜକୁ ଓ ରାଜ୍ୟକୁ ନିରାପଦରେ ରଖିବା ଥିଲା ରାଜତନ୍ତ୍ର , ଅନ୍ୟ ଅର୍ଥରେ ରାଜଧର୍ମ ବୋଲି ମାନି ନିଆଯାଉଥିଲା । ଯେଉଁ ଶାସକ ଦ୍ୱିଧାବୋଧ କରେ ସେ ଯେତେ ଶକ୍ତିଶାଳୀ ବା ଧାର୍ମିକ ହେଲେ ମଧ୍ୟ ତାଙ୍କର ଓ ରାଜ୍ୟର ପତନ ଅନିବାର୍ଯ୍ୟ । କିନ୍ତୁ ଯେଉଁ ରାଜା ତଥା ତା'ର ସୈନ୍ୟ ଉତ୍ତମ ସୁଶିକ୍ଷା ପାଇ ଯୁଦ୍ଧ ପାଇଁ ପ୍ରସ୍ତୁତ ରହେ, ତାଙ୍କୁ ସମଗ୍ର ଜଗତ ଭୟ କରିଥାଏ । ଏକଥା ସତ ରାଜ୍ୟ ରକ୍ଷା କରିବା ପାଇଁ ଯୁଦ୍ଧ ଅନିବାର୍ଯ୍ୟ ହୋଇଥାଏ । ତେଣୁ ତତ୍କାଳୀନ ରାଜାମାନେ ଯୁଦ୍ଧ କରିବା ପୂର୍ବରୁ ସେମାନଙ୍କ ବୁଦ୍ଧିମାନ ମନ୍ତ୍ରୀ, ସେନାଧକ୍ଷ ତଥା ଶୁଦ୍ଧ ପ୍ରବୀଣ ନୀତିଜ୍ଞ କୁଳଗୁରୁ ଆଦିଙ୍କ ଠାରୁ ଉତ୍ତମ ପରାମର୍ଶ ଗ୍ରହଣ କରିଥାନ୍ତି । ଏପରିକି ଯୁଦ୍ଧ ପୂର୍ବରୁ ପ୍ରତିପକ୍ଷ ରାଜାଙ୍କୁ କିଭଳି କୌଶଳ ମାଧ୍ୟମରେ ପରାଜିତ କରିବା ନିମନ୍ତେ ଗୋପନ ମନ୍ତ୍ରଣାଳୟରେ ଗୁପ୍ତ ମନ୍ତ୍ରଣା କରିଥାନ୍ତି । ମନୁସଂହିତା ୭/୧୪୮ ରେ ଉଲ୍ଲେଖ ଅଛି- ଯେଉଁ ରାଜାଙ୍କର ଏଭଳି ମନ୍ତ୍ରଣାକୁ ଅନ୍ୟ କେହି ଜାଣିପାରନ୍ତି ନାହିଁ ସେ ରାଜା କେଶହୀନ ହୋଇ ମଧ୍ୟ ସମଗ୍ର ବସୁନ୍ଧରା ଭୋଗ କରିବାକୁ ସମର୍ଥ ହୋଇଥାନ୍ତି । କେବଳ ସେତିକି ନୁହେଁ ଯେଉଁ ରାଜା ଅଜ୍ଞାନରୁ ଅବିଚାର କରି ରାଜ୍ୟକୁ ଦୁଃଖ ଦିଏ ସେ ଶୀଘ୍ର ରାଜ୍ୟ ହରାଇବା ସହ ନିଜ ଜୀବନ ଓ ଜ୍ଞାତି କୁଟୁମ୍ବକୁ ମଧ୍ୟ ହରାଇଥାଏ । ମହାଭାରତରେ ମାନି ଦୁର୍ଯ୍ୟୋଧନଙ୍କ ଜୀବନରେ ଏହା ପରିଦୃଷ୍ଟ ହୋଇଥିବା ଦୃଷ୍ଟାନ୍ତ ଦିଆଯାଇପାରେ ।

ପୁରାଣ ଗ୍ରନ୍ଥ ଗୁଡ଼ିକ ମଧ୍ୟରେ ମହାଭାରତ ଏକ ଅନନ୍ୟ ମହାକାବ୍ୟ । ଏହା ବିଭିନ୍ନ ପୌରାଣିକ କଥାବସ୍ତୁ ନେଇ ସୃଷ୍ଟି ହୋଇଥିଲେ ମଧ୍ୟ ଓଡ଼ିଆ ସାହିତ୍ୟରେ ଏକ ବିରାଟ ବୀର ଗାଥା ଭାବେ ଦର୍ଶାଯାଇଛି । ରାଜ୍ୟ ଜୟର ଅଭିଲିପ୍ସା ନେଇ ମହାଭାରତ ଯୁଦ୍ଧର ମହାସମର ଘଟିଛି, ତେଣୁ ମହାଭାରତ ହେଉଛି ସେହି ମହାସମରର ସମରକାବ୍ୟ । ସତ୍ୟନିଷ୍ଠ ଧର୍ମପରାୟଣ ରାଜା ଯୁଧିଷ୍ଠିର ମଧ୍ୟ ଏହି ମହାସମରରୁ ବର୍ତ୍ତିବାକୁ ଯାଇ ବର୍ତ୍ତି ପାରିନାହାନ୍ତି । ସତ୍ୟ ଆତ୍ମ ପ୍ରସଂଗରେ ସେ ଗୋପନ କଥାଟି ପ୍ରକାଶ କରିବାକୁ ଯାଇ କହିଛନ୍ତି -' ନିଜ ରାଜ୍ୟ ନିମନ୍ତେ ହୋଇବି ଅବଶ୍ୟ ଦ୍ୱନ୍ଦ୍ୱଇ (ସା. ବନପର୍ବ) ।' ମାନି ଦୁର୍ଯ୍ୟୋଧନ ବିନା ଯୁଦ୍ଧେ ନଦେବି ସୂଚ୍ୟଗ୍ରେ ମେଦିନି । ତେଣୁ ରାଜ୍ୟ ଜୟ ପାଇଁ ଯୁଦ୍ଧ ଏକାନ୍ତ ଅପରିହାର୍ଯ୍ୟ । ଯୁଦ୍ଧରେ ଜିଣିବା ନିମନ୍ତେ କୂଟନୀତିର ପ୍ରୟୋଗ ନିହାତି ଅନିବାର୍ଯ୍ୟ । କୂଟନୀତି ଓ ମନ୍ତ୍ରଣା ବ୍ୟତିରେକ ରାଜାଙ୍କ ପରାଜୟ ସୁନିଶ୍ଚିତ, ପରାଜୟର ଗ୍ଲାନି ଅସହ୍ୟ ।

କୌଟିଲ୍ୟଙ୍କ ମତରେ ରାଜ୍ୟ ସଂପଦ ପୃଥିବୀର ସର୍ବଶ୍ରେଷ୍ଠ ସର୍ବୋତ୍ତମ ସଂପଦ । ଏହି ସଂପଦର ଲାଭ ଓ ପାଳନ ଦ୍ୱାରା ଧର୍ମ, ଅର୍ଥ ଓ କାମ ତ୍ରିବର୍ଗ ସଂପତ୍ତି ଲାଭଦାୟକ ହୋଇଥାଏ । ଏପରିକି ଦେଖାଯାଏ ରାଜକୁମାରମାନେ ଯୁବାବସ୍ଥାର ବୟସ ଗଡ଼ିଗଲା ପରେ ସେମାନେ ରାଜସିଂହାସନର ମୋହରେ ପଡିଯାଇଥାନ୍ତି । ଯଦି ଉପଯୁକ୍ତ ସମୟରେ ପିତାଙ୍କ ଠାରୁ ରାଜଗାଦି ପାଇବାରେ ବଞ୍ଚିତ ହୁଅନ୍ତି, ସେତେବେଳେ ସେମାନଙ୍କ ମନରେ ସ୍ୱତଃ ପିତାଙ୍କ ବିପକ୍ଷରେ ବିଦ୍ରୋହ କରିବାକୁ ଆଗେଇ ଆସନ୍ତି । ରାଜଗାଦି ପାଇବା ପାଇଁ ଅସଲ ପ୍ରଜମ୍ବରେ ଲାଗି ପଡିଥାନ୍ତି । ଭରଦ୍ୱାଜଙ୍କ ମତାନୁସାରେ ଯେଭଳି କଙ୍କଡା ଛୁଆମାନେ ଜନ୍ମ ସମୟରେ ମା'ର ପେଟ ଫଟାଇ ଜନ୍ମ ହୁଅନ୍ତି , ଠିକ୍ ସେଭଳି ରାଜପୁତ୍ରମାନେ ରାଜାଙ୍କ ଅର୍ଥାତ୍ ନିଜର ପିତାଙ୍କୁ ହତ୍ୟା କରି ରାଜ୍ୟ ଦଖଲ କରିବାକୁ ପ୍ରଜମ୍ବ କରିଥାନ୍ତି । ଯେଭଳି ବରୁଣଦେଶ ରାଜାଙ୍କ ପୁତ୍ର ନିଜ ମାତାଙ୍କ ପଲଙ୍କ ତଳେ ଛପି ରହି ନିଜର ପିତାଙ୍କୁ ହତ୍ୟା କରି ରାଜଗାଦି ଲାଭ କରିଥିଲେ ।

ସାରଳା ଦାସଙ୍କ ମହାଭାରତରେ ରାଜଗାଦି ପ୍ରାପ୍ତି ନିମନ୍ତେ ଏଭଳି ଅନେକ ଦୃଷ୍ଟାନ୍ତ ରହିଛି । କିନ୍ତୁ ରାଜପୁତ୍ରମାନେ ସେଠାରେ ରାଜାଙ୍କୁ ହତ୍ୟା ନକରି ମନ୍ତ୍ରୀଙ୍କୁ ହତ୍ୟା କରିବା ପାଇଁ ଚେଷ୍ଟା କରୁଥିଲେ । ସେମାନେ ବୁଝିଥିଲେ ଯେ ମନ୍ତ୍ରୀଙ୍କ ବିନା ରାଜ୍ୟପ୍ରାପ୍ତି କଦାପି ସମ୍ଭବ ନୁହେଁ । ତେଣୁ ମନ୍ତ୍ରୀ ହଟାଇ ରାଜଗାଦି ପ୍ରାପ୍ତ କରିବାକୁ ଲକ୍ଷ୍ୟ ରଖୁଥିଲେ । ଯେଭଳି ଯଯାତି ବୃଦ୍ଧ କାଳରେ ତାଙ୍କର ଦୁଇ ପୁତ୍ର ପୁରୁ ଓ ପ୍ରବୀରଙ୍କୁ ରାଜଗାଦି ନଦେବାରୁ ଦୁହେଁ ଘନ ଜଙ୍ଗ

ଅଣୁରେ ଅଣୁରେ ଜୀବନ

ଡଃ ସ୍ମୃତି ପଟ୍ଟନାୟକ

କରୋନା ଭାଇରସ୍ ଆସିବା ଆଗରୁ ପ୍ରତିଦିନ ଦଶଟା ବେଳକୁ କଲେଜ୍ ଯିବା ସମୟରେ ମୋର ପ୍ରାୟତଃ ଦେଖାହୁଏ ଲୋରା ସାଙ୍ଗରେ ମହାନଦୀ ବିହାରର ମଙ୍ଗଳାଙ୍କ ମନ୍ଦିର ପାଖରେ, ସେ ଭାରି ବ୍ୟସ୍ତ ଥାଏ, ମୁଁ ମଧ୍ୟ କଲେଜ୍‌ରେ କେମିତି ଯାଇ ପହଞ୍ଚିବି ବୋଲି ବ୍ୟସ୍ତ ଥାଏ, ଆମ ଦୁହିଁଙ୍କ ମଧ୍ୟରେ ଖାଲି ଗୋଟିଏ ପଦ କଥା ଯାହା ବିନିମୟ ହୁଏ । ଦିଦି ଭଲ ଅଛନ୍ତି ତ? ସେ ପଚାରେ, ମୁଁ କୁହେ ହଁ ଭଲ ଅଛି ଆଉ ତୁ କେମିତି ଅଛୁ? ହଁ ଦିଦି ସେମିତି ଅଛି, ମୋତେ ତାର ସରଳପଣ ଓ ହସହସ ମୁହଁ ଭାରି ଭଲଲାଗେ, ସବୁବେଳେ ଘରୁ ବାହାରିଲା ବେଳେ ଭାବିକି ଯାଏ ତା ଘର ବିଷୟରେ ସବୁ କଥା ନିଶ୍ଚୟ ପଚାରିବି, ତା ଘର କେଉଁଠି ?ତା ଘରେ କିଏ ସବୁ ଅଛନ୍ତି ?ତା ସ୍ୱାମୀ କଣ କରୁଛନ୍ତି ? କିନ୍ତୁ ପ୍ରତି ଥର ସେଇ ଏକା କଥା, ଆମ ଦୁହିଁଙ୍କ ପାଖରେ ସମୟ ନ ଥାଏ କିଛି ଗପସପ କରିବା ପାଇଁ , ସେଦିନ ଅଚାନକ ଜୋରରେ ବର୍ଷା ହେଲା , ମୁଁ ଛତା ନେଇ ନ ଥିଲି ସାଙ୍ଗରେ ତେଣୁ ତରବର ହୋଇ ମଙ୍ଗଳାଙ୍କ ମନ୍ଦିର ଭିତରକୁ ପଶିଗଲି, ମୋ ଦେହରୁ ଓ ମୁଣ୍ଡରୁ ପାଣି ଥପ୍ ଥପ୍ ହୋଇ ଝରୁଥିଲା, ହଠାତ୍ ବୁଲି ପଡି ଚାହିଁଲା ବେଳକୁ ଦେଖିଲି ମୋ ପାଖରେ ଲୋରା ଛିଡା ହୋଇଛି, ମୁଁ କହିଲି ଲୋରା ତୁ ବି ଛତା ଆଣି ନ ଥିଲୁ ହଁ ଦିଦି ଘରୁ ବାହାରିଲା ବେଳେ ବର୍ଷା ନ ଥିଲା ଅଦିନିଆ ବର୍ଷା ଚାହୁଁ ଚାହୁଁ ବର୍ଷି ଦେଇ ଗଲା, ଦେଖୁନ ଦିଦି ମୋ ଶାଢି ପୁରା ଭିଜି ଯାଇଛି, ହଁ ତ, ତୁ ଓଦା ଶାଢିରେ କେମିତି ଯିବୁ? ତୁ ବରଂ ଘରକୁ ପଳା, ତାର ମୁହଁ ଶୁଖିଗଲା ଅଚାନକ ଆଖି କୋଣରେ ଲୁହ ଜକେଇ ଆସିଲା, କୋହଭରା କଣ୍ଠରେ କହିଲା ଦିଦି ଆମ ଭଳି ଲୋକଙ୍କ ପାଇଁ ଗୋଟିଏ ଦିନ ବି ଖୁବ୍ ମୂଲ୍ୟବାନ, ଆଜି ମୋ ଡ୍ୟୁଟିକୁ ନ ଗଲେ ମୋ ପିଲା ଓ ଶାଶୁ ଶଶୁର ଉପାସ ରହିବେ, ମୁଁ ଆଉ କିଛି କହିପାରିଲିନି ତାର ଉତ୍ତରରେ, ସେ ତାର କର୍ମସ୍ଥଳକୁ ଗଲା, ମୁଁ ଆଉ କଲେଜ୍ ନ ଯାଇ ଘରକୁ ଫେରି ଆସିଲି, ଘରେ ପହଞ୍ଚିଲା ପରେ ଶାଢି ବଦଳାଇ ବହୁ ଦିନରୁ ଅସଜଡା ହୋଇ ରହିଥିବା ବହି ଥାକ ସଜାଡିବାରେ ଲାଗିପଡିଲି, ପୁରୁଣା ଓଡିଆ ପତ୍ରିକା କିଛି ପାଇଗଲି ବହି ଥାକରୁ ବହୁ ବର୍ଷ ତଳର ସୁଚରିତା ପତ୍ରିକାର ପୁରୁଣା ସଂଖ୍ୟା କେତେ ଗୁଡିଏ, ଖୁବ୍ ଯତ୍ନରେ ସାଇଜ୍ କରି ରଖିଲି ପତ୍ରିକା ଗୁଡିକୁ ,ସବୁ କାମ ସରିଲା ପରେ ନିଶ୍ୱାସ ନେଲି ଟିକେ ଯାହା ହେଉ ଆଜି କଲେଜ୍ ନ ଯାଇ ବହୁତ ଭଲ ହେଲା, ମୋ ବାକିଆ କାମ ତକ ସରିଗଲା, ମନ ଭାରି ଖୁସି ଲାଗୁଥିଲା, ଯେ ମୋତେ ଏବେ ଆଉ ବୋର୍ ହେବାକୁ ପଡିବନି, ମୋର ହାଇସ୍କୁଲରେ ପଢିଲା ବେଳରୁ ଅଭ୍ୟାସ ରାତିରେ ଡିନର୍ କରି ସାରିଲା ପରେ କିଛି ଗପବହି ପଢିବା ବିଶେଷତଃ ଜହ୍ନମାମୁଁ ପତ୍ରିକା ମୋର ବହୁତ ପ୍ରିୟ ଥିଲା, ମନ ଭାରି ଖୁସି ଲାଗୁଥିଲା, ବୋଉ(ଶାଶୁ) ବି ଗପ ବହି ପଢିବାକୁ ଭାରି ଭଲପାଆନ୍ତି, ଏବେ କିନ୍ତୁ ଆଉ ଭଲ କରି ପଢିପାରୁନାହାନ୍ତି ଆଖି ଖରାପ ହେବା ଦିନଠାରୁ, ଗପ ଶୁଣିବାକୁ ଭାରି ଭଲପାଆନ୍ତି । ମୁଁ ଗପ ପଢେ ଆଉ ସେ ଶୁଣନ୍ତି ଖୁବ୍ ମନ ଦେଇ, ପଢିସାରିଲା ପରେ ଗପକୁ ନେଇ ଆଲୋଚନା କରନ୍ତି ବହୁ ସମୟ ଧରି, ମୋତେ ତାଙ୍କର ଏଇ ଗୁଣଟି ଭାରି ପସନ୍ଦ ।

କରୋନା ଭାଇରସ୍ ଆସିବା ଦିନଠାରୁ ସବୁ କାମ ଯେମିତି ବନ୍ଦ ହେଇଯାଇଥିଲା ଅଚାନକ, ମନ ଭିତରେ ଅଜଣା ଭୟ ବସା ବାନ୍ଧି ହୋଇ ରହିଥିଲା, ଲକ୍ ଡାଉନ୍ ଭିତରେ ଭାରି ବ୍ୟତିବ୍ୟସ୍ତ ଲାଗୁଥିଲା ଜୀବନ, ତଥାପି ମନ ଭିତରେ କେଉଁଠି ନା କେଉଁଠି ଆଶା ଓ ଆକାଂକ୍ଷା ଲୁଚିକି ରହିଥିଲା, ଭରସା ବି ରହିଥିଲା ଈଶ୍ୱରଙ୍କ ଉପରେ, ବହୁତ ଦିନ ଅନ୍ତରରେ କଲେଜ୍ ଖୋଲିଗଲା, କଲେଜ୍ ଗଲାପରେ ପୁଣି ଖୁସି ଆସିଗଲା, ଭାରି ଭଲ ଲାଗିଲା, ଜୀବନ ପ୍ରତି ଆସ୍ଥା ଆସିଗଲା ପୁନଶ୍ଚ, ଅଚାନକ ଦିନେ କଲେଜ୍‌ରୁ ଫେରିଲା ବେଳକୁ ଲୋରା ସାଙ୍ଗ ରେ ଦେଖା ହୋଇଗଲା ମନ୍ଦିର ପାଖରେ, ଅଟକି ଗଲି କିଛି ସମୟ ପାଇଁ, ତାର ଚେହେରା ଦେଖି ମୁଁ ବିଶ୍ୱାସ କରିପାରୁନଥିଲି ନିଜ ଭିତରେ ଇଏ ସେଇ ଲୋରା ବୋଲି, ଯାହାକୁ ମୁଁ ଆଗରୁ ଜାଣିଥିଲି, ଦେଖିଥିଲି, ଏତେ ଫୁଲେଇ, ସୁନ୍ଦରୀ ଓ ଚୁଲବୁଲି, ଦେଖାଯାଉଥିଲା ସିଏ, ସେତେବେଳେ ଆଜି ଏମିତି ଦିଶୁଛି କାହିଁକି ? କଣ ହେଇଛି ତାର ? ମନ ଭିତରେ ଅନେକ ସଂଶୟ ସୃଷ୍ଟି ହେଉଥିଲା !! ମୁଁ ଆଗ ପଚାରିଲି କଣ ହେଇଛି ତୋର ? ଦିଦି ମୁଁ କେଉଁଠୁ ମୋ କାହାଣୀ ଆରମ୍ଭ କରିବି, ମୋ ଭାଗ୍ୟ ତ ଖରାପ ମୁଁ କାହାକୁ ଦୋଷ ଦେବି ? କଣ ହେଇଛି ତ କହ ? ସେ ଗପୁଥିଲା ତାର କାହାଣୀ ମୁଁ ଶୁଣୁଥିଲି, କରୋନା ଭାଇରସ୍ ଆସିବା ପରେ



ବଦଳି ଯାଇଥିଲା ତା ଜୀବନ ରାସ୍ତା, ସମସ୍ତଙ୍କ ପରି ସେ ବି ତା କର୍ମକ୍ଷେତ୍ରକୁ ଯାଇନଥିଲା, ଘରେ ବନ୍ଦ କବାଟ ଭିତରେ ତା ସଂସାର ଚଳାଇବାକୁ ପ୍ରୟାସ ଜାରି ରଖିଥିଲା ସବୁ ଠିକ୍‌ଠାକ୍ ବି ଚାଲିଥିଲା, ଶାଶୁ ଶଶୁର ଓ ଦୁଇ ଜଣ ପିଲାଙ୍କୁ ନେଇ ତା ସଂସାର, ତାର ସ୍ୱାମୀ ରାଜ୍ୟ ବାହାରେ କମ୍ପାନୀ ଚାକିରି କରୁଥିଲେ,ଲକ୍ ଡାଉନ୍ ଭିତରେ ଛୋଟ ମୋଟ କମ୍ପାନୀ ସବୁ ବନ୍ଦ ହୋଇଗଲା, ସେଇ ସମୟରେ ତାଙ୍କର ମେଣ୍ଟାଲ୍ ଡିପ୍ରେସନ୍ ଏତେ ବଢିଗଲା ଯେ ସିଏ ଖାଲି ମଦ ପିଇଲେ, ପାଟି କରି ଚିତ୍କାର କରିବାକୁ ଲାଗିଲେ, ରାତିରେ ଜମାରୁ ଶୋଉନଥିଲେ, ଏମିତି ହେଇ କିଛି ଦିନ ବି ଚାଲିଗଲା, ଖିଆପିଆ ବନ୍ଦ କରିଦେଲେ, ତା ପରେ ତାଙ୍କର ଦେହ ଏତେ ଖରାପ ଆଡକୁ ଗତି କଲା ତାଙ୍କର ସାଙ୍ଗ ମାନେ ଆମ୍ବୁଲାନ୍ସରେ ଆଣି ଘରେ ଛାଡ଼ି କରି ଗଲେ ଏଠି ଡାକ୍ତର ଙ୍କୁ ଦେଖାଇବାରୁ ଡାକ୍ତର ସ୍କିଜୋଫ୍ରେନିଆ ବୋଲି କହିଲେ, ଦିଦି ପାଣି ଭଳିଆ ପଇସା ଖର୍ଚ୍ଚ ହେଇସାରିଲାଣି, କିନ୍ତୁ ଏପର୍ଯ୍ୟନ୍ତ ସେମିତି କିଛି ପରିବର୍ତ୍ତନ ଆସିନି ତାଙ୍କର, ମୁଁ ଆଉ କଣ କରିପାରିବି, ଖୁବ୍ ଅସହାୟ ଲାଗୁଚି, ବାପ ଘରର ସେମିତି ଶକ୍ତି ନାହିଁ ମୋତେ ସାହାଯ୍ୟ କରିବା ପାଇଁ, ବୋଉ ପାରାଲିସିସ୍ ରୋଗୀ ବାପା ଯାହା ପେନସନ୍ ପାଉଛନ୍ତି ବୋଉର ଔଷଧ ଖର୍ଚ୍ଚରେ ସରିଯାଉଛି ? ଶଶୁର ଆଲଜାଇମର୍ସ ରୋଗୀ, ପୁରାପୁରି ବେଡ୍ ରିଡିନ୍, ସେ ମୋତେ ଏବେ ଚିହ୍ନି ପାରୁ ନାହାନ୍ତି, ତାଙ୍କ ମୁଣ୍ଡରେ କଣ ପଶିଯାଇଛି ଯେ ମୋତେ ନାନୀ ବୋଲି ଡାକୁଛନ୍ତି, ଛୋଟ ପିଲା ଭଳିଆ ଜିଦି କରୁଛନ୍ତି ସବୁଥିରେ, ଆଜି ଏଇ ଜିନିଷ ଖାଇବି କାଲି ପୁଣି ଆଉ ଗୋଟାଏ ନୂଆ ଜିନିଷ ଖାଇବି, ନ ହେଲେ ପିଲାଙ୍କ ଭଳି ବଡପାଟି କରି କାନ୍ଦୁଛନ୍ତି, ଦିଦି ମୁଁ ଆଉ କଣ କରିପାରିବି ? ବହୁତ ଚେଷ୍ଟା କଲାପରେ ଏଇ ପାଖ ଇଂରାଜୀ ମିଡିୟମ୍ ସ୍କୁଲ ରେ କିରାଣୀ ଚାକିରୀ କରୁଛି, ପାଂଚ ହଜାର ଟଙ୍କା ଦରମା ମାସକୁ ସେଥିରେ କଉ ପଇସା ଅଣ୍ଟିବ, ଘର ଖର୍ଚ୍ଚକୁ , ପିଲା ଦୁଇ ଜଣଙ୍କର ପାଠ ପଢା, ୟାଙ୍କର, ଶଶୁରଙ୍କର ମେଡିସିନ୍ ଖର୍ଚ୍ଚ, ଇତ୍ୟାଦି, ସେଥିପାଇଁ ସ୍କୁଲରୁ ଫେରିଲା ପରେ ଘରେ ଟ୍ୟୁସନ କରୁଛି, ଛୋଟ ଛୋଟ ପିଲାଙ୍କୁ ପଢାଉଛି, ସେମାନେ ବହୁତ ଆଗ୍ରହର ସହ ପଢୁଛନ୍ତି,ରାତି ନଅଟା ହେଇଯାଉଛି, ତା ଭିତରେ ରୋଷେଇ ସାରିବାକୁ ପଡୁଛି,ଶଶୁରଙ୍କୁ ବୁଝାଇ ସୁଝାଇ ଖୁଆଇ ଦେଉଛି, ଆଉ କିଏ ଦେଲେ ସେ ଜମା ଖାଇବେନି, ଖାଲି ଫିଙ୍ଗା ଫୋପଡା କରିବେ, ସବୁଦିନ କାମ ସାରି ଶୋଇଲା ବେଳକୁ ରାତି ଗୋଟାଏ ବାଜୁଛି, ଶାଶୁ ତାଙ୍କ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ମୋତେ କାମରେ ସବୁ ସାହାଯ୍ୟ କରୁଛନ୍ତି । ଲୋରାର କାହାଣୀ ଶୁଣି ସାରିଲା ପରେ ମୁଁ ବିଶ୍ୱାସ କରିପାରୁନଥିଲି ତା ଭିତରେ ଥିବା ଆତ୍ମବିଶ୍ୱାସକୁ, ନିଜେ ହିଁ ଏକୁଟିଆ ନିଜର କଷ୍ଟକୁ ବୋହିଚାଲିଛି, ସବୁ ଦୁଃଖକୁ ଚାପି ନିଜ ଛାତି ତଳେ, ତାକୁ ବହୁତ ଆଶ୍ୱାସନା ଦେଲି ତାର ସ୍ୱାମୀ ନିଶ୍ଚୟ ଭଲ ହେଇଯିବ, ଭଲ ସମୟ ଆସିବ ନିଶ୍ଚୟ ଦିନେ ନା ଦିନେ, ଯେ ହେତୁ ପୃଥିବୀ ଘୂରୁଛି ଦିନ ରାତି, ତେଣୁ କାହା ପାଇଁ ସମୟ କେବେ ବି ଗୋଟିଏ ଜାଗାରେ ଅଟକି ଯିବ ନାହିଁ, ସେଦିନ ମୁଁ ତାକୁ ବିଦାୟ ଦେଇ ଘରକୁ ଫେରିଲି, ଅନେକ କଥା ଭାବୁଥିଲି ସତରେ କେତେ ନିଷ୍ଠୁର ଏଇ ସମୟ ଓ ତା ଭିତରେ ଘଟିଯାଉଥିବା ଜଣକ ଜୀବନରେ ସମୁଦାୟ କାହାଣୀର ଚିତ୍ରପଟ !!ୟା ଭିତରେ କିଛି ଦିନ ବିତିଯାଇଥିଲା, ସେଦିନ ସ୍ୱାଧୀନତା ଦିବସ ଥିଲା, ସକାଳୁ ଉଠି ଠାକୁରଙ୍କ ପାଖରେ ଧୂପ ଦେଇ ଡ୍ରଇଁରୁମ୍‌ରେ ବସିଥିଲି, ଝିଅର ସ୍କୁଲରେ ପ୍ରୋଜେକ୍ଟ କଣ କରିବ ବୋଲି ଭାବୁଥିଲି, ଲ୍ୟାଣ୍ଡ ଫୋନ୍ ରିଙ୍ଗ ହେବାରୁ ଉଠାଇଲି, ଡି.ଏ.ଭି ସ୍କୁଲରୁ ଝିଅର କ୍ଲାସ୍ ଟିଚର ଫୋନ୍ କରିଥିଲେ, କହିଲେ ମ୍ୟାଡାମ୍ ସ୍କୁଲକୁ ଆସନ୍ତୁ ଟିକେ ଆପଣ, ଆଜି ଆମର ଗୋଟେ ଭଲ ପ୍ରୋଗ୍ରାମ ଅଛି, ମୁଁ ବାହାରି ପଡିଲି ସାଙ୍ଗେ ସାଙ୍ଗେ, ସ୍କୁଲର ଅଡିଟୋରିୟମ୍‌ରେ ଆୟୋଜନ କରାଯାଇଥିଲା ପ୍ରୋଗ୍ରାମ, ଆର୍ଟ୍ ଗ୍ୟାଲେରି କରାଯାଇଥିଲା ଖୁବ୍ ସୁନ୍ଦର ଲାଗୁଥିଲା, ମୁଁ ଆଶ୍ଚର୍ଯ୍ୟ ହେଇ ଯାଉଥିଲି, ଅବାସ୍ତବ ଲାଗୁଥିଲା ମୋତେ, ଏତେ ସୁନ୍ଦର ଆଉ ଚମତ୍କାର ! ହେଇପାରେ କେମିତି ? ଆର୍ଟ୍ ଗ୍ୟାଲେରି ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କଲେ ସ୍କୁଲର ପ୍ରିନସିପାଲ୍ ସାର୍ ଅତିଥି ମାନଙ୍କ ସାମ୍ନାରେ, ଯେତେବେଳେ ଜାଣିଲି ଯେ ଲୋରା ସମସ୍ତ ପିଲାମାନଙ୍କୁ ଗାଇଡ୍ କରିଛି । ମୁଁ ଭାବି ପାରୁ ନଥିଲି ଆଗକୁ ଆଉ କିଛି .... ଏଇ ସ୍କୁଲର ପିଲାମାନେ ଏତେ ଚମତ୍କାର କଳା କୌଶଳରେ ଆମର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ନେଇ ଏତେ ସୁନ୍ଦର ସୁନ୍ଦର ଆର୍ଟ୍ କରିଛନ୍ତି !! ବେଳେ ବେଳେ ବହୁତ କଥା ଖୁବ୍ ଆଶ୍ଚର୍ଯ୍ୟ ଲାଗିଲେ ବି ସତ ହିଁ ଥାଏ, ସମସ୍ତ ପିଲାମାନଙ୍କ ସହ ଲୋରାକୁ ବି ସମ୍ବର୍ଦ୍ଧିତ କରାଯାଇଥିଲା, ମୁଁ ନିଜେ ତାକୁ ନିଜ ହାତରେ ଟ୍ରଫି ଦେଇଥିଲି, ଲୋରା ମୁହଁରେ ହସ ଫୁଟି ଉଠୁଥିଲା, କି ସୁନ୍ଦର ସେ ହସ, ଖୁବ୍ ନିଷ୍କପଟ, ଅନାବିଳ, ମୋତେ ଦେଖି ଆନନ୍ଦରେ ଗଦ୍ ଗଦ୍ ହେଇ ପଡୁଥିଲା ସେ, ତା ପାଖରେ ତାର ପୁଅ ଓ ଝିଅ ଛିଡା ହୋଇଥିଲେ ହାତରେ ସାର୍ଟିଫିକେଟ୍ ଓ ପୁରସ୍କାର, ସେମାନେ ଦୁହେଁ ସେମାନଙ୍କ ସ୍କୁଲରୁ ବକ୍ତୃତା ଓ ଆର୍ଟ୍ ପ୍ରତିଯୋଗୀତାରେ ପ୍ରଥମ ପୁରସ୍କାର ପାଇଥିଲେ, ସତରେ କେତେ ବିଚିତ୍ର ଏଇ ସମୟ ର ପରିଭାଷା ଓ ଅଦୃଶ୍ୟ ଈଶ୍ୱରଙ୍କର ଲୀଳା, ଲୋରାକୁ ତା ସ୍ୱାମୀ ବିଷୟରେ ପଚାରିଲି, ଦିଦି ତାଙ୍କ ଦେହ ଟିକେ ଆଗ ଅପେକ୍ଷା ଭଲ ଅଛି ବୋଲି କହିଲା, ମୁଁ ଆଶ୍ୱସ୍ତ ହେଲି ତା କଥା ଶୁଣି,ତା ପରେ ସେ ଟିକେ ନୀରବି ଯାଇ କହିଲା ଦିଦି ମୋ ବୋଉ ଆଉ ନାହିଁ, ସେ ଦୁଇ ମାସ ହେଲା ଚାଲି ଗଲାଣି, ଆର ପାରିକୁ, ଶେଷ ସମୟରେ ମୋତେ ବହୁତ ଖୋଜୁଥିଲା ମୁଁ ଯାଇପାରିଲିନି ଟିକେ ଦେଖିବା ପାଇଁ, କେମିତି ଯାଇଥାନ୍ତି ଦୁଇ ଜଣ ରୋଗୀଙ୍କୁ ଛାଡି, ମନରେ ଭାରି ଅବସୋସ ରହିଗଲା ଦିଦି, ମୁଁ ତାର ଗୋଟିଏ ଝିଅ ଥିଲି ଖାଲି, କଇଁ କଇଁ ହୋଇ କାନ୍ଦୁଥିଲା ଲୋରା ଶେଷ ବେଳକୁ, ମୋ ଦୁଇ ହାତରେ ତା ଆଖିରୁ ଲୁହ ପୋଛିଦେଲି, ତାକୁ କହିଲି ଦେଖିବୁ ସବୁ କିଛି ଆଗ ଭଳି ଠିକ୍ ହେଇଯିବ । ଘରକୁ ଫେରିଲା ପରେ ଭାବୁଥିଲି ସତରେ, ପୃଥିବୀ ତ ଘୁରୁଛି ଦିନ ରାତି ସୂର୍ଯ୍ୟଙ୍କ ଚତଃପାର୍ଶ୍ୱରେ ଏହା ବିଜ୍ଞାନସମ୍ମତ, ତା ସହ ମଣିଷର ଜୀବନ-ଚକ୍ର ବି ଘୁରୁଛି ଅନ୍ତହୀନ ଭାବେ, ଯାହାର କୌଣସି ନିର୍ଦ୍ଦିଷ୍ଟତା ନାହିଁ, କି ଆୟତନ ବି ନାହିଁ। ଏମିତି ଏକ ଦୁଃଖଦ ଜୀବନ ଭିତରେ ବି ଲୋରା ସୁଖକୁ ସାଉଁଟିବାର ପ୍ରୟାସ ଜାରି ରଖିଛି, ଈଶ୍ୱର ତା ପୁଅ ଓ ଝିଅ ଦୁଇ ଜଣଙ୍କୁ କୋଟି ପରମାୟୁ ଦିଅନ୍ତୁ, ଅଣୁରେ ଅଣୁରେ ଜୀଉଁଥିବା ଜୀବନ ଲୋରାର ସଦା ପ୍ରସ୍ଫୁଟିତ ହେଉ , ପଲ୍ଲବିତ ହେଉ ।

ସୁନୀତି

ଡାଃ ଅନୀତା ପଣ୍ଡା

ପନ୍ଦର ଅଗଷ୍ଟ ଯାଇ ଗୋଟାଏ ମାସ ଗାଡି ଯାଇଥିଲା । ମାତ୍ର ନିଜକୁ ଆୟତ୍ତକୁ ଆଣିପାରୁ ନଥିଲେ ସୁଗାୟିକା ସୁନୀତି । ଏକ ମନୋମୁଗ୍ଧ ସଂଗୀତ ପ୍ରତିଯୋଗିତାରେ ଭାଗ ନ ନେଇ ପାରିଥିବା ରାକଓର ଆକ୍ଷେପ । ଆମୁଳ ଚୁଳ ଶ୍ରୋତା ତଥା ପ୍ରତିଯୋଗୀ ମାନେ ପୂର୍ଣ୍ଣମାତ୍ରାରେ ଉପଭୋଗ କରୁଥିବା ସମୟରେ ତାଙ୍କର ମୁଣ୍ଡ କାହିଁକି ବଥାଇଲା। ଦୁନିଆରେ ଆଗକୁ ବଢିବାକୁ ହେଲେ ସୁନୀତି ନୁହେଁ ସୁରୁଚିରା ଆବଶ୍ୟକ । ନାଁ , ଯାହା ହେଉନା କାହିଁକି, ସେ ନୀତିକୁ ଉପେକ୍ଷା କରି ପାରିବେନି।

ବିଗତ ଅନୁଭୂତି ଗୁଡିକ ଆସି ମନ ଅଗଣାକୁ ବ୍ୟତି ବ୍ୟସ୍ତ କରି ପକାଉଛି । କଲେଜରେ ଶହୀଦ ଦିବସ ପାଳନ ହେଉଥିଲା । ବହୁ ବଡ ବଡ ବକ୍ତା ମାନଙ୍କର ଭାଷଣ । ଭଗତ ସିଂ, ଶିବରାମ ରାଜଗୁରୁ, ସୁଖଦେବଙ୍କ ସଦୃଶ କ୍ରାନ୍ତିକାରୀ ମାନେ ଦେଶ ପାଇଁ ଆଦର୍ଶ । ଆଗାମୀ ପିଢ଼ି ମାନଙ୍କ ପାଇଁ ନମସ୍ୟ। ପରିଶେଷରେ ଥିଲା ମୁଖ୍ୟ ଅତିଥିଙ୍କ ବକ୍ତବ୍ୟ । ବହୁ ଉଚ୍ଚ କୋଟୀର ବକ୍ତା ।. ବ୍ୟଙ୍ଗ ମାଧ୍ୟମରେ ସେ ତାଙ୍କର ସମସ୍ତ ଅନ୍ତରୋକ୍ତି ବ୍ୟକ୍ତ କରିଥାନ୍ତି । ସେଦିନ ମଧ୍ୟ ସେଇଆ ହୋଇଥିଲା। ଭାଷଣ ମଧ୍ୟର କେତୋଟି ଟିପ୍ପଣୀ ବହୁ ହୃଦୟ ବିଦାରକ ଥିଲା। ଉପସ୍ଥିତ ଶ୍ରୋତା ମଣ୍ଡଳୀ ଧରି ନେଇଥିଲେ ଏହା ଏକ ବ୍ୟଙ୍ଗ ଆରୋପ ମାତ୍ର । ହେଲେ ବିଚଳିତ ହୋଇ ଉଠିଥିଲା ସୁନୀତି । କିଛିଟା ମନୋଭାବ ବ୍ୟକ୍ତ କରିବା ପାଇଁ ଛିଡା ହୋଇ ପଡିଥିଲା । କହିବାର ପ୍ରୟାସ କରନ୍ତେ ପାଖରେ ବସିଥିବା ଗୁଣୀ ଜନମାନେ ତାକୁ ହାତଧରି ବସାଇ ଦେଇଥିଲେ । ନିଜର ମନସ୍ତାପକୁ ଅକ୍ତିଆରରେ ନ ଆଣି ପାରି ରାମ୍ପି ପକାଇଥିଲା ଲେଖାଟିଏ । ମାତ୍ର ଦଶ ପନ୍ଦରଟି ପତ୍ରିକାକୁ ପ୍ରକାଶ ପାଇଁ ପଠାଇ ହାର ମାନିଥିଲା ସୁନୀତି । ବହୁ ଦିନ ବାଦ ଜଣେ ସୁଲେଖକ ଯିଏ ତାର ଶୁଭ ଚିନ୍ତକ ଥିଲେ ଅଟେ ପ୍ରଦାନ କରିଥିଲେ , ସମାଜ ପ୍ରତିଷ୍ଠିତ ବ୍ୟକ୍ତିଙ୍କର ଦୋଷ ଦର୍ଶାଇବା ଅଗ୍ରହଣୀୟ । ସେଥିରେ କେବଳ ନିଜର କ୍ଷତି । ବିରକ୍ତିର ଚରମ ସୀମାରେ ପହଂଚି ଯାଇଥିଲା ସୁନୀତି। ଦୋଷୀର ଦୋଷ ପ୍ରକଟଇବା ଯଦି ଦୋଷାବହ ତେବେ କାହିଁକି ସେ ଲେଖିବ!!! ଚିରଦିନ ପାଇଁ ଲେଖାନୀକୁ ବିରତି ଦେଇଥିଲା ସୁନୀତି ।

ଏକ ସଂଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ବିଚାରକ ଥିଲେ ସୁଗାୟିକା ଶ୍ରୀମତୀ ସୁନୀତି । ଖୁବ ସୁନ୍ଦର ମନୋମୁଗ୍ଧକର କାର୍ଯ୍ୟକ୍ରମ। ହଠାତ ଦେଶ ବନ୍ଦନାର କେତୋଟି ଶବ୍ଦ ତାଙ୍କର କର୍ଣ୍ଣ ଗହ୍ୱର ଭେଦ କରିଥିଲା । ପ୍ରତିଯୋଗିତାରେ ଦେଶ ବନ୍ଦନା !!! କାର୍ଯ୍ୟ କ୍ରମକୁ ଆଉ ଆଗକୁ ବଢିବା ପାଇଁ ଦେଇ ନଥିଲେ ବିଚାରକ। ଆୟୋଜକ ନିଜର ଦୋଷ ସ୍ୱୀକାର କରିଥିଲେ । ମାତ୍ର ପ୍ରତିଯୋଗିତାରୁ ବଂଚିତ ଓ ପ୍ରତିଯୋଗୀ ରାକଓ ଉକ୍ତି ବାଢ଼ିଥିଲା ,‘ ସମସ୍ତ ଶ୍ରୋତା ମନ୍ତ୍ର ମୁଗ୍ଧ ହୋଇ ଶୁଣୁଥିବା ସମୟରେ ତାଙ୍କର କାହିଁକି ମୁଣ୍ଡ ବଥାଇଲା ।” ବହୁ କରି ବୁଝାଇବାର ପ୍ରୟାସ କରିଥିଲେ ଶ୍ରୀମତୀ ସୁନୀତି। ମାତ୍ର ନିଜକୁ ଆଗକୁ ନ ଆଣି ପାରିଥିବା ରାକଓ ବହୁପ୍ରକାର ଯୁକ୍ତି ଆରମ୍ଭ କରିଥିଲା। ପୁଣି ଥିଲା ଆରୋପ । ସେ ସୁଗାୟିକା। ତାକୁ ଆଗକୁ ନ ଆଣିବା ପାଇଁ ଏହା ଥିଲା ତାଙ୍କର ପରିଯୋଜନା।

କ୍ରୋଧ ଜର୍ଜରିତ ହୋଇ ବ୍ୟକ୍ତ କରିଥିଲେ ବିଚାରକ ସୁଗାୟିକା ଶ୍ରୀମତୀ ସୁନୀତି , ‘ ଏମିତି ଏକ ପରିସ୍ଥିତିକୁ ନେଇ ସାହିତ୍ୟକୁ ତ୍ୟାଗ କରିଥିଲି, ଆଜି ସଂଗୀତକୁ ମଧ୍ୟ ଜଳାଂଜଲୀ ଦେଉଛି । ମାତ୍ର ନୀତି ଉଲଂଘନ ଅସମ୍ଭବ ଏବଂ ଯାହା ଧ୍ରୁବ ଅତଯ ସତ୍ୟ ତାର ଅବମାନନା କରି ପାରିବିନି। ଭାରତ ମାତାର ସନ୍ତାନ ହୋଇ ଅନୀତିକୁ ପ୍ରଶ୍ରୟ ଦେଲେ ସେଇ ରାଷ୍ଟ୍ରପିତାଙ୍କୁ କଣ ଜବାବ ଦେବି !!!

ଆଜିର କବିତା

ଅବିବେକୀ

ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ୍

ହସ ତୋର ଆଜି
ଯାଇଛି ତ ହଜି
ଲୁହ ହେଲା ଆପଣାର।

ଯା’ ଲାଗି ନୟନ
ଦେଖୁଥିଲା ସ୍ୱପ୍ନ
ସିଏ ଆଜି ସାତ ପର।

ଶୁଖିଲା ମୁଁହଟି
ଲୁଚାଇ ହେବକି
ବାହ୍ୟ ପ୍ରସାଧନ ଲେପି ?

ପାରିବୁ କି ହସି
ଶୂନ୍ୟତାର ଭାରା
ହୃଦୟ ଭିତରେ ଚାପି ?

କୁଆଁରୀ ସପନ
କାଲି ଯାଏ ଥିଲା
ତୋର ସାଇତା ସମ୍ପତ୍ତି।

ସେ ସପନ ଭଳି
କାନ୍ଦେ କିଆଁ ଆଜି
ବିଧୁର ବିରହ ଗୀତି।

ଲୁଚି ଲୁଚି ଦେଖି
ମନର ମଣିଷ
ଲାଜଉଥିଲା ତୋ ଆଖି ।

ଆଉ ଦିଶୁନାହିଁ
ସେ ମୁହଁଟି କାହିଁ
ଯେତେ ଚାହିଁଲେ ନିରେଖି।

ଅଜଣା ରାଇଜେ
ଥାପି ଥିଲୁ ପାଦ
ହିତ ଅହିତ ନ ଦେଖି।

ଏବେ ତ ଜାଣିଲୁ
ଅପରିଚିତ ସେ
ସତେ କେଡ଼େ ଅବିବେକୀ!

+ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍-୭୫୬୦୦୧
ମୋ: ୭୭୮୮୯୭୭୨୭୬

ନବଜାତ

ଗୌରୀ ମେହେର

ଯନ୍ତ୍ରଣାରେ ଫାଟି ଯାଉଥାଏ ଶରୀର,
ଆଉ ମନ ହୁଏ ଆନମନା !
ସତେକି ଏହିକ୍ଷଣି ପ୍ରାଣ ଚାଲିଯିବ,
ଯେତିକି ଅସହ୍ୟ ଯେ ପ୍ରସବ ବେଦନା ।

ହେଲେ କୁଆଁ କୁଆଁ ଡାକ ଥରେ ଶୁଣିଦେଲେ
ଉଭେଇ ଯାଏ ସବୁ ପୀଡା, କଷ

ଜନଜାତିଙ୍କ ଜୀବିକାନିର୍ବାହ ଉପରେ ଦୁଇଦିନିଆ ପରାମର୍ଶ ଶିବିର

ଭୁବନେଶ୍ୱର ,୨୮/୯ (ନି.ପ୍ର): କୋଭିଡ୍ ମହାମାରୀଜନିତ ଅର୍ଥନୈତିକ ସଂକଟ ଓ ଜୀବିକାହାନିକୁ ସାମ୍ନା କରିବା ପାଇଁ ଜନଜାତି ବିକାଶ ଉପରେ ଗୁରୁତ୍ୱ ଦେଇ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଏକ ଦୁଇଦିନିଆ କର୍ମଶାଳା ମଙ୍ଗଳବାର ଏସ୍‌ସିଏସ୍‌ଟିଆରଟିଆଇ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଛି ।

ଏହି ପରାମର୍ଶ ଶିବିରରେ ବିଭିନ୍ନ ରାଜ୍ୟର ଜନଜାତିଙ୍କ ସ୍ୱାର୍ଥରକ୍ଷା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ବାବଦରେ ବିଶଦ ଆଲୋଚନା ସହିତ ଜନଜାତିଙ୍କ ଜୀବିକା ନିର୍ବାହ ନିମନ୍ତେ ପ୍ରବର୍ତ୍ତିତ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଲୋଚନା ହୋଇଥିଲା । ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ଏସ୍‌ସିଏସ୍‌ଟିଆରଟିଆଇ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଜନଜାତିଙ୍କ ସ୍ୱାର୍ଥରକ୍ଷା ପାଇଁ ଗ୍ରହଣ କରାଯାଇଥିବା ନୂତନ ପଦକ୍ଷେପଗୁଡ଼ିକ ସଂପର୍କରେ ପରାମର୍ଶ ସହିତ ମତବିନିମୟ ହୋଇଥିଲା ।

ଏହି ଜାତୀୟ ପରାମର୍ଶ କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ମନ୍ତ୍ରଣାଳୟ ଅଧୀନସ୍ଥ ଟିଆରଆଇ ଡିଭିଜନ୍ ର ନିର୍ଦ୍ଦେଶିକା ସୁଶ୍ରୀ ସଂଗୀତା ଗୁପ୍ତା ଯୋଗଦେଇ ଜନଜାତି ତଥା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୋଷ୍ଠୀଙ୍କର ସମସ୍ୟାଗୁଡ଼ିକର ମୁକାବିଲା ପାଇଁ ବିବିଧ ଉତ୍ତମ ପଦକ୍ଷେପଗୁଡ଼ିକର ଅଧ୍ୟୟନ ଓ ନଥିକରଣ ଉପରେ ଗୁରୁତ୍ୱ ଦେଇଥିଲେ । ଏସ୍‌ସିଏସ୍‌ଟିଆର ଟିଆଇର ଉପଦେଷ୍ଟା ତଥା ନିର୍ଦ୍ଦେଶକ ଏବଂ ସ୍ୱତନ୍ତ୍ର ଶାସନ ସଚିବ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ଦେଶ ତଥା ଦେଶ ବାହାରୁ ପ୍ରତିନିଧିତ୍ୱ କରୁଥିବା ସମସ୍ତ ଅଂଶଗ୍ରହଣକାରୀ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇବା ସହିତ ପରାମର୍ଶ ଶିବିରର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଆଇବିଆରଏଡିର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫେସର ଏସ୍.ବି. ରାୟ ଏହି ଅବସରରେ ମୁଖପତ୍ର ଉପସ୍ଥାପିତ କରିଥିଲେ । ବିବିଧ ଉପକ୍ରମ, ଜନଜାତି ବିକାଶ ଏବଂ କୋଭିଡ୍-୧୯ ଓ ତତ୍ ଜନିତ ସମସ୍ୟା, ସୁଯୋଗ ଏବଂ ଅଗ୍ରସରତା ଉପରେ ସମ୍ୟକ ମତ ଉପସ୍ଥାପନ କରିଥିଲେ । ଏହି ଦୁଇଦିନିଆ ପରାମର୍ଶ ଶିବିରରେ ବୈଷୟିକ ଅଧିବେଶନର ନିର୍ଘଂଟ ରହିଛି । ଦୁଇଦିନିଆ କର୍ମଶାଳାରେ ଜନଜାତି ଗବେଷଣା ସଂସ୍ଥାନ, ଉତ୍କର୍ଷ କେନ୍ଦ୍ରର ପ୍ରତିନିଧି, ବିଶେଷଜ୍ଞ, ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ, ଜାତିସଂଘର ପ୍ରତିନିଧି, ବୁଦ୍ଧିଜୀବୀ, ଗବେଷକ, ଭାରତର ଜନଜାତି ସଂସ୍କୃତି ଓ ବିକାଶ ଉପରେ କାର୍ଯ୍ୟରତ କ୍ଷେତ୍ର ଅଧିକାରୀ ଯୋଗଦେଇଛନ୍ତି ।

ଓଡ଼ିଶା ରାଜ୍ୟ ବିହନ ନିଗମ କାର୍ଯ୍ୟକ୍ରମର ସମୀକ୍ଷା

ଭୁବନେଶ୍ୱର,୨୮/୯ (ନି.ପ୍ର): ଉନ୍ନତ ମାନର ବିହନ ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧି ପାଉଥିବାରୁ ଓଡ଼ିଶା ରାଜ୍ୟ ବିହନ ନିଗମ ଦ୍ୱାରା ଉତ୍ପାଦିତ ଉନ୍ନତ ମାନର ପ୍ରମାଣିତ ବିହନ ଚାଷୀମାନଙ୍କୁ ଠିକ୍ ସମୟରେ ଯୋଗାଇଦେବାକୁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓଡ଼ିଶା ରାଜ୍ୟ ବିହନ ନିଗମର କାର୍ଯ୍ୟକ୍ରମର ସମୀକ୍ଷା କରିବା ଅବସରରେ ଉନ୍ନତ ମାନର ଧାନ ଓ ଅଣଧାନ ବିହନ ଡାଲି, ତୈଳବୀଜ, ପନିପରିବା ଆଦି ବିହନ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ନିଗମ ଦ୍ୱାରା ଅଧିକ ପରିମାଣର ଫାଉଣ୍ଡେସନ୍ ସିଡ୍ ର ଉତ୍ପାଦନର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । କୃଷକମାନେ ଆବଶ୍ୟକ କରୁଥିବା ବିହନର କିସମର ଚାହିଦାକୁ ଅନୁଧ୍ୟାନ କରି ବିହନ ଉତ୍ପାଦନ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ରାଜ୍ୟରେ ଅଧିକ ପରିମାଣର ହାଇବ୍ରିଡ୍ ବିହନ ଉତ୍ପାଦନ କରିବା ଓ ଏ ଦିଗରେ ଥିବା ସମସ୍ୟାର ସମାଧାନ ଦିଗରେ ଏକ କାର୍ଯ୍ୟଖସଡ଼ା ଆଗାମୀ ୬ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିହନ ପ୍ରତିବଦଳ ଦ୍ୱାରା ଉତ୍ପାଦନ ହାର ବୃଦ୍ଧି ପାଉଥିବା ଦୃଷ୍ଟିରୁ ବିହନ ପ୍ରତିବଦଳ ହାର ବୃଦ୍ଧି ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ରାଜ୍ୟ ବିହନ ନିଗମ ଦ୍ୱାରା ପ୍ରସ୍ତୁତ ବିହନ ବିଭିନ୍ନ ପ୍ୟାକ୍ସ/ଲ୍ୟାମ୍ପସ୍ ଏବଂ ବେସରକାରୀ ଡିଲରମାନଙ୍କ ଦ୍ୱାରା ଚାଷୀମାନଙ୍କୁ ବିକ୍ରି କରାଯିବାର ବ୍ୟବସ୍ଥା ଥିବାବେଳେ କୌଣସି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ନିମ୍ନ ମାନର ବିହନ ଯେପରି ବିକ୍ରି ନହୁଏ, ସେଥିପ୍ରତି ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ବିହନ ବିକ୍ରି ବ୍ୟବସ୍ଥାରେ ଚାଷୀମାନଙ୍କୁ ଡିବିଟି ବ୍ୟବସ୍ଥାରେ ରିହାତି ହସ୍ତାନ୍ତରଣ ବ୍ୟବସ୍ଥା ଥିବାବେଳେ ରବି ଋତୁ ନିମନ୍ତେ ଓଟିପି ବ୍ୟବସ୍ଥା ସଂପର୍କରେ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଓଡ଼ିଶା ରାଜ୍ୟ ବିହନ ନିଗମକୁ ଅଧିକ କ୍ରିୟାଶୀଳ କରାଯାଉଛି ବୋଲି କହିଥିଲେ । ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ମିଶ୍ର, ଓସୋପୋକାର ନିର୍ଦ୍ଦେଶକ, ଇମେଜର ନିର୍ଦ୍ଦେଶକ, ଓୟୁଏଟିର ବିଶେଷଜ୍ଞଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

ମହତ୍ମା ଗାନ୍ଧୀ ଜାତୀୟ ଫେଲୋଙ୍କ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,୨୮/୯ (ନି.ପ୍ର): ମିଶନ ଶକ୍ତି ମହିଳାମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ମିଶନ ଶକ୍ତି ଅଧୀନରେ କାର୍ଯ୍ୟ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସରକାର ଏବଂ ସମାଜ ମଧ୍ୟରେ ସେତୁ ସଦୃଶ କାର୍ଯ୍ୟ କରୁଛନ୍ତି ବୋଲି ଆଜି ୱାର୍ଲ୍ଡ ସ୍କିଲ ସେଂଟରରେ ଆୟୋଜିତ ମହତ୍ମା ଗାନ୍ଧୀ ଜାତୀୟ ଫେଲୋଙ୍କ ଦକ୍ଷତା ବିକାଶ କର୍ମଶାଳାର ଉଦଯାପନୀ ଦିବସରେ ଯୋଗଦେଇ ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ଶ୍ରୀମତୀ ସୁଜାତା ଆର କାର୍ତିକେୟନ ପ୍ରକାଶ କରିଛନ୍ତି । ଶ୍ରୀମତୀ କାର୍ତିକେୟନ କହିଛନ୍ତି ଯେ ଓଡିଶା ସରକାରଙ୍କ ପ୍ରମୁଖ ବିକାଶମୂଳକ ପଦକ୍ଷେପ ମଧ୍ୟରୁ ମହିଳା ସଶକ୍ତିକରଣ ଅନ୍ୟତମ । ମହିଳାମାନଙ୍କର ଆର୍ଥିକ ସଶକ୍ତିକରଣ ସେମାନଙ୍କର ସାମାଜିକ ସଶକ୍ତିକରଣରେ ଯଥେଷ୍ଟ ସହାୟକ ହୋଇଥାଏ । ବିଶେଷ କରି ତୃଣମୂଳସ୍ତରର ମହିଳାମାନେ ନିଷ୍ପତି ଗ୍ରହଣରେ ଭାଗନେବା ଆବଶ୍ୟକ । ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କ ନେତୃତ୍ୱ ବିକାଶ ହୋଇପାରିଛି । କୋଭିଡ୍ ସମୟରେ ରାଜ୍ୟର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରି ଏହାକୁ ପ୍ରମାଣିତ କରିଛନ୍ତି । ରାଜ୍ୟ ସରକାର ପାଂଚ ବର୍ଷ ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟବସାୟ ପାଇଁ ୫ ହଜାର କୋଟି ଟଙ୍କାର ପାଣ୍ଠି ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି । ସେହିପରି ଆଗାମୀ ଦିନରେ ପ୍ରତ୍ୟେକ ବ୍ଲକ ଓ ଜିଲ୍ଲା ସ୍ତରରେ ୫୦୦ ମିଶନ ଶକ୍ତି ବଜାର/ ଆଉଟଲେଟ ଆରମ୍ଭ କରାଯିବା ନିମନ୍ତେ ଯୋଜନା କରାଯାଇଛି । ଏତଦ୍ ବ୍ୟତୀତ ପ୍ରତ୍ୟେକ ବ୍ଲକରେ ମିଶନ ଶକ୍ତି କାଫେ ସ୍ଥାପନ କରିବାର ଲକ୍ଷ୍ୟ ରଖାଯାଇଛି । ଏହି କାଫେରେ କାର୍ଯ୍ୟରତ ମହିଳାମାନେ ଇଣ୍ଡିଆନ ଇନଷ୍ଟିଟ୍ୟୁଟ ଅଫ୍ ହୋଟେଲ ମେନେଜମେଂଟରେ ତାଲିମ ପାଇଛନ୍ତି । ନୂତନ ଓଡିଶା ଗଠନରେ ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗୀ ଭାବେ ରାଜ୍ୟର ବିକାଶରେ ନେତୃତ୍ୱ ନେବ ବୋଲି ଶ୍ରୀମତୀ କାର୍ତିକେୟନ ପ୍ରକାଶ କରିଛନ୍ତି । ଏହି କର୍ମଶାଳାରେ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ ପାଢ଼ୀ ଖାଦ୍ୟର ବିବିଧତା ଏବଂ ଖାଦ୍ୟ ଅପଚୟ ହ୍ରାସ ଉପରେ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ କରିଛନ୍ତି ।

ଏହି ଅବସରରେ ସିଟିଟିସି, ସିପେଟ୍, ଓରମାସ୍, ଅରେଞ୍ଜ କ୍ରସ୍ ଏବଂ ଟାଟା ଷ୍ଟ୍ରାଇଭ ସଂସ୍ଥାର ପ୍ରତିନିଧିମାନେ ପ୍ରଦାନ କରୁଥିବା ଦକ୍ଷତା ବିକାଶ ତାଲିମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ଏହି ୨୯ ଜଣ ଅଧିକାରୀ ୪ ଗୋଟି ଦଳରେ ବିଭକ୍ତ ହୋଇ ଆଗାମୀ ବର୍ଷ ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରି ଉପସ୍ଥାପନ କରିଥିଲେ । ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ସିଇଓ ରେଘୁ ଜି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ, ନିୟୋଜନ ନିର୍ଦ୍ଦେଶାଳୟର ଅଧିକାରୀ ଏବଂ ବିଭିନ୍ନ ଜିଲ୍ଲା ନିୟୋଜନ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଭାରତର ନିର୍ବାଚନ ପଦ୍ଧତିରେ ସଂସ୍କାର ଆଣିବା ଦାବିରେ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବ ଦେଶବ୍ୟାପୀ ସଭା, ଶୋଭାଯାତ୍ରା ଓ ଆଲୋଚନା ଚକ୍ର

ଭୁବନେଶ୍ୱର,୨୮/୯ (ନି.ପ୍ର): ସମ୍ପ୍ରତି ଭାରତବର୍ଷର ଗଣତନ୍ତ୍ରର ବୟସ ଯେତିକି ବଢି ବଢି ଚାଲିଛି ଗଣତନ୍ତ୍ର ପଦ୍ଧତି ସେତିକି ଅଧିକ କଳୁଷିତ ହେବାରେ ଲାଗିଛି । ରାଜନେତାମାନଙ୍କର ଚାରିତ୍ରିକ ବ୍ୟବହାର ଓ ଦେଶର ପ୍ରଗତି ପ୍ରତି ସେମାନଙ୍କର ଅଙ୍ଗୀକାରବଦ୍ଧତା, ଦେଶର ବିକାଶ ନିମନ୍ତେ ଆଇନ ପ୍ରଣୟନ ବେଳେ ଅଜ୍ଞତା ଆଦି ଯୋଗୁ ଗଣତନ୍ତ୍ର ସଫଳ ହେବାରେ ସକ୍ଷମ ହେଉନାହିଁ । ଦେଶର ବିକାଶ ତଥା ନାଗରିକମାନଙ୍କର ଯେପରି ଭାବରେ ଉନ୍ନତି ହେବା କଥା, ତାହା ହୋଇପାରୁ ନାହିଁ । ତେଣୁ ଭାରତର ନିର୍ବାଚନ ପଦ୍ଧତିରେ ସମୟର ଆବଶ୍ୟକତାକୁ ଉପଲବ୍ଧି କରି କେତେଗୁଡ଼ିଏ ସଂସ୍କାର ଆଣିବା ନିତାନ୍ତ ଆବଶ୍ୟକ । ଯେପରିକି ଭୋଟଦାନ ବାଧ୍ୟତାମୂଳକ, ସରକାରଙ୍କ ଖର୍ଚ୍ଚରେ ନିର୍ବାଚନ ମଣ୍ଡଳୀର ଗୋଟିଏ ଦୁଇଟି ସ୍ଥାନରେ ସମସ୍ତ ପ୍ରାର୍ଥୀମାନେ ବକ୍ତବ୍ୟ ଦେବା ପାଇଁ ସଭାସ୍ଥଳୀର ଆୟୋଜନ, ପ୍ରାର୍ଥୀମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା, ପ୍ରାର୍ଥୀମାନେ ଗାଁ ଗାଁରେ ନିଜ ଖର୍ଚ୍ଚରେ ପୋଷ୍ଟର ନ ମାରି ପଂଚାୟତର ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କର ନିର୍ବାଚନ ଲଢିବାର ଆଭିମୁଖ୍ୟ ଦର୍ଶାଇବା, ମଦ ଆଦି ନିଶାଦ୍ରବ୍ୟ ନିର୍ବାଚନ ବେଳେ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯିବା ଆବଶ୍ୟକ । ଏ ସମ୍ପର୍କରେ ଆଉ କେଉଁ ସଂସ୍କାର ନର୍ବାଚନ ପଦ୍ଧତିରେ କରାଯାଇ ପାରିଲେ ଭାରତର ଗଣତନ୍ତ୍ର ଓ ରାଜନେତାମାନଙ୍କର ଆଚରଣ ଓ ଉଚ୍ଚାରଣରେ ସାମ୍ୟତା ରହିପାରିବ । ସେମାନେ ଅନୈତିକ ଉପାୟରେ ବିପୁଳ ଅର୍ଥ ଠୁଳ କରିନପାରିବେ, ସେ ସମ୍ପର୍କରେ ବିଶେଷଜ୍ଞମାନଙ୍କୁ ନେଇ ଭାରତର ରାଷ୍ଟ୍ରପତି, ନିର୍ବାଚନ କମିଶନର, ପ୍ରଧାନମନ୍ତ୍ରୀଙ୍କୁ କେତେଗୁଡ଼ିଏ ପ୍ରସ୍ତାବ ପ୍ରଦାନ ପାଇଁ ନିଡ୍‌ସ ଅଫ ଦି ଟାଇମ ପକ୍ଷରୁ ଆସନ୍ତା ଗାନ୍ଧୀ ଜୟନ୍ତୀ ଠାରୁ ପର୍ଯ୍ୟାୟକ୍ରମେ ଦେଶର ବିଭିନ୍ନ ସ୍ଥାନରେ ସଭା, ଶୋଭାଯାତ୍ରା, ଆଲୋଚନାଚକ୍ର ଆଦି ଆୟୋଜନ କରାଯିବ ବୋଲି ହୋଟେଲ କେଶରୀଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନିଡ୍‌ସ ଅଫ୍ ଦି ଟାଇମର ସଭାପତି ତଥା ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ନିଡ୍‌ସ ଅଫ ଟାଇମର ସାଧାରଣ ସମ୍ପାଦକ, ବିଶିଷ୍ଟ ଆଇନଜୀବୀ ଶ୍ରୀ ନରେନ୍ଦ୍ର ପୃଷ୍ଟି, ମୁଖ୍ୟ ସଂଯୋଜକ ପିଟି ବାଲାଜି ପାତ୍ର ସୂଚନା ପ୍ରଦାନ କରିଛନ୍ତି ।

ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୨ ଶହ ଉପରେ: ୨୬ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୨୮/୯ (ନି.ପ୍ର): କିଛି ଦିନର ବ୍ୟବଧାନରେ ଆଜି ପୁଣି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୨ ଶହ ଉପରେ ରହିଛି । ଗତକାଲି ୧୬୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୦୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୧୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୮୯ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୨୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୫ଟିଜିଲ୍ଲାରୁ ୨୦୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୩୫ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧୪, ବରଗଡ଼ରୁ ୩, ଭଦ୍ରକରୁ ୨, ବଲାଙ୍ଗୀରରୁ ୮, କଟକରୁ ୨୭ ଜଣ, ଦେବଗଡ଼ରୁ ୧, ଗଜପତିରୁ ୬, ଗଞ୍ଜାମରୁ ୩, ଜଗତସିଂହପୁରରୁ ୫ ଜଣ, ଯାଜପୁରରୁ ୨ ଜଣ, କଳାହାଣ୍ଡିରୁ ୪, କନ୍ଧମାଳରୁ ୨, କେନ୍ଦ୍ରାପଡ଼ାରୁ ୬, କେନ୍ଦୁଝରରୁ ୨, ଖୋର୍ଦ୍ଧା ଜିଲ୍ଲାରୁ ୨୬, କୋରାପୁଟରୁ ୧, ମୟୂରଭଞ୍ଜରୁ ୧୦ ଜଣ, ନବରଙ୍ଗପୁରରୁ ୧, ନୟାଗଡ଼ ଜିଲ୍ଲାରୁ ୫ ଜଣ, ନୂଆପଡ଼ାରୁ ୬, ପୁରୀରୁ ୧୧ ଜଣ, ରାୟଗଡ଼ାରୁ ୫, ସମ୍ବଲପୁରରୁ ୧୫ ଜଣ, ସୋନପୁରରୁ ୨, ସୁନ୍ଦରଗଡ଼ରୁ ୩୫ ଜଣ ଓ ଷ୍ଟେଟପୁଲରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୩୩, ୭୦୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୩, ୨୩, ୦୩୫ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୪୨୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ନୂଆ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ନିଯୁକ୍ତି

ଭୁବନେଶ୍ୱର,୨୮/୯ (ନି.ପ୍ର): ରାଜ୍ୟର ଆଦିବାସୀ ବହୁଳ ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂଆ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଛି । ଏନେଇ ଅନୁସୂଚିତ ଜାତି/ଜନଜାତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନେ ଆସନ୍ତା ୨ ବର୍ଷ ପାଇଁ ଏହି ଦାୟିତ୍ୱରେ ରହିବେ । ମୟୂରଭଞ୍ଜ ଏସଡିସିର ଅଧ୍ୟକ୍ଷ ଭାବେ ଡ. ଦେବାଶିଷ ମାରାଣ୍ଡି ଏବଂ ଉପାଧ୍ୟକ୍ଷ ଭାବେ କମଳା ତିରିଆଙ୍କୁ ନିଯୁକ୍ତି ଦିଆଯାଇଛି । ସେହିଭଳି କେନ୍ଦୁଝର ଏସଡିସିର ଅଧ୍ୟକ୍ଷ ଭାବେ ଲକ୍ଷ୍ମୀ ନାୟକ ଓ ଉପାଧ୍ୟକ୍ଷ ନାରାୟଣ ପୂର୍ତୀ , ମାଲକାନଗିରି ଏସଡିସିର ଅଧ୍ୟକ୍ଷ ହୋଇଛନ୍ତି ଆଦମା ରବା ଓ ଉପାଧ୍ୟକ୍ଷ ଭାବେ ରାଏଲା ନାଏକଙ୍କୁ ନିଯୁକ୍ତି ମିଳିଛି । ସେହିପରି ଚନ୍ଦ୍ରଶେଖର ମାଝୀଙ୍କୁ କୋରାପୁଟ ଏସଡିସିର ଅଧ୍ୟକ୍ଷ ଓ ଲକ୍ଷ୍ମୀ ହନ୍ତାଳଙ୍କୁ ଉପାଧ୍ୟକ୍ଷ ଦାୟିତ୍ୱ ମିଳିଛି । ନବରଙ୍ଗପୁର ଏସଡିସିର ଅଧ୍ୟକ୍ଷ ଉପେନ୍ଦ୍ର ଗୋଣ୍ଡ ଏବଂ ଉପାଧ୍ୟକ୍ଷ ହେଲେ ଭାନୁମତି ପୂଜାରୀ । ରାୟଗଡା ଏସଡିସିର ଅଧ୍ୟକ୍ଷ ହେଲେ ଅନସୂୟା ମାଝି ଓ ଉପାଧ୍ୟକ୍ଷ ହେଲେ ବନମାଳୀ କାଡ୍ରାକା । ଗଜପତି ଏସଡିସିର ଅଧ୍ୟକ୍ଷ ହେଲେ ମରିୟମ ରାଇତୋ ଓ ଉପାଧ୍ୟକ୍ଷ ହେଲେ ଧନେଶ୍ୱର ଭୂୟାଁ । କନ୍ଧମାଳ ଏସଡିସି ଅଧ୍ୟକ୍ଷ- ରୋଦନ ମଲ୍ଲିକ, ଉପାଧ୍ୟକ୍ଷ- ନଳିନୀ କଁହର । ସେହିପରି ସୁନ୍ଦରଗଡ ଜିଲ୍ଲା ଏସଡିସିର ବର୍ତମାନର ଅଧ୍ୟକ୍ଷ ଙ୍କ କାର୍ଯ୍ୟକାଳ ଜାରି ରହିବ ଏବଂ ଉପାଧ୍ୟକ୍ଷ ହୋଇଛନ୍ତି ସୁଶୀଳା ଟପ୍ପୋ ।

ଚକଡ଼ା ଉପଦ୍ରବ ଆରମ୍ଭ: ୨୫୦ରୁ ଊର୍ଦ୍ଧ୍ୱ ହେକ୍ଟର ଫସଲ ପ୍ରଭାବିତ

ପତ୍ରମୋଡ଼ା ବି ଦାଉ ସାଧୁଛନ୍ତି; ନିୟନ୍ତ୍ରଣ କକ୍ଷ ଖୋଲିଲା ଓୟୁଏଟି, ଜାରି କଲା ପରାମର୍ଶ

ଦେବର୍ଷି ଶିକ୍ଷା ନିକେତନରେ ବିଜ୍ଞାନ ମେଳା

ବାଲେଶ୍ୱର,୨୮/୯(ନି.ପ୍ର): ସହରର ଅନ୍ୟତମ ପବ୍ଲିକ୍ ସ୍କୁଲ ଖପରାପଦା ସ୍ଥିତ 'ଦେବର୍ଷି ଶିକ୍ଷା ନିକେତନ'ରେ ସପ୍ତଦଶ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହିତ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। କୁନି କୁନି ବୈଜ୍ଞାନିକମାନଙ୍କ ପ୍ରକଳ୍ପ ବୁଲି ଦେଖିବା ସହ ସେ ସେମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଭାଗବତ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ବିଭାଗ ଉପ ନିର୍ଦ୍ଦେଶକ ତପନ କୁମାର ମହାନ୍ତି, ଆଜିମାବାଦ କ୍ଲଷ୍ଟର ସିଆରସିସି ସଙ୍ଗୀତା ରଥ, ଅବସରପ୍ରାପ୍ତ ଉପାଧ୍ୟକ୍ଷ ରାଜେନ୍ଦ୍ର କିଶୋର ରାୟ, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ନାୟକ, ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ଦାଶ ପ୍ରମୁଖ ଏଥିରେ ବରେଣ୍ୟ ଅତିଥିଭାବେ ଯୋଗଦେଇ ଦୈନନ୍ଦିନୀ ଜୀବନରେ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମୃତ୍ୟୁଞ୍ଜୟ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଜ୍ଞାନ ଶିକ୍ଷୟତ୍ରୀ ବିଜୟିନୀ ଘଡ଼ାଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବିଜ୍ଞାନ ପ୍ରଦର୍ଶନୀରେ ମୋଟ ୬୦ ଗୋଟି ପ୍ରକଳ୍ପ ସ୍ଥାନୀତ ହୋଇଥିଲା। ଏଥିରେ ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶନକାରୀ ଓ ଶ୍ରେଷ୍ଠ କୁଇଜ୍ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

ବିଜେପି କର୍ପୋରେଟରଙ୍କ ଧାରଣା

ଭୁବନେଶ୍ୱର, ୨୮/୯(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ କର୍ପୋରେଟର ମିଟିଂରେ ହଙ୍ଗାମା ହୋଇଛି । ବିଜେପି କର୍ପୋରେଟର ମାନେ ଗୁରୁତର ଅଭିଯୋଗ କରି ହଙ୍ଗାମା କରିଛନ୍ତି । ବିଜେପି କର୍ପୋରେଟର ମାନେ ବିଧାୟକ, ଅଫିସର ମାନେ ସହଯୋଗ କରୁନଥିବା ଅଭିଯୋଗ କରିଛନ୍ତି। ସେମାନେ ବୈଠକରୁ ବାହାରି ବିଏମ୍ସି ଅଫିସ ଆଗରେ ଧାରଣାରେ ବସିଥିଲେ । ପରେ ବିଜେଡିର କିଛି କର୍ପୋରେଟର ଆସି ସେମାନଙ୍କୁ ବୁଝାସୁଝା କରିବା ପରେ ସେମାନେ ଧାରଣାରୁ ଉଠି ବୈଠକରେ ଯୋଗ ଦେଇଥିଲେ ।

ବନ୍ଦର ଚିକିତ୍ସାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୧୦୬ ୟୁନିଟ ରକ୍ତ ସଂଗ୍ରହ

ପାରାଦୀପ, ୨୮/୯(ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ପାଳନ ପରିପ୍ରେକ୍ଷୀରେ ସେପ୍ଟେମ୍ବର ୧୭ ତାରିଖରୁ ଦେଶରେ ଆରମ୍ଭ ହୋଇଥିବା ସ୍ୱେଚ୍ଛାକୃତ ରକ୍ତଦାନ ଅମୃତ ମହୋତ୍ସବର ଅଂଶ ସ୍ୱରୂପ ପାରାଦୀପ ବନ୍ଦର ପ୍ରାଧିକରଣ ଓ ପାରାଦୀପର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ବୃଷଭ ଫାଉଣ୍ଡେସନ ଟ୍ରଷ୍ଟ'' ମିଳିତ ଆନୁକୂଲ୍ୟରେ ବନ୍ଦର ଚିକିତ୍ସାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି । ପାରାଦୀପ ଲେଡିଜ କ୍ଲବର ଉପ ସଭାନେତ୍ରୀ ଶ୍ରୀମତୀ ସୁଚିସ୍ମିତା ବୋଷ, ବନ୍ଦର ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରହଲ୍ଲାଦ ପଣ୍ଡା, ଉପ-ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁର୍ଗା ପ୍ରସାଦ ସେଠୀ, ବୃଷଭ ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ଗଙ୍ଗାଧାର ସେଠୀ, ସମ୍ପାଦକ ପ୍ରଶାନ୍ତ କୁମାର ମହାରଣାଙ୍କ ସମେତ ବନ୍ଦରର ବରିଷ୍ଠ ପଦାଧିକାରୀ ଓ ବୃଷଭ ଫାଉଣ୍ଡେନ ଟ୍ରଷ୍ଟର କର୍ମକର୍ତା ତଥା ସଦସ୍ୟ ମାନଙ୍କ ଉପସ୍ଥିତିରେ ପାରାଦୀପ ବନ୍ଦରର ଉପାଧ୍ୟକ୍ଷ ଆଶୀଷ କୁମାର ବୋଷ ପ୍ରଦ୍ୱିପ ପ୍ରଜ୍ୱଳନ କରି ଉକ୍ତ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପୂର୍ବାହ୍ନ ସାଢ଼େ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଆୟୋଜିତ ଏହି ରକ୍ତଦାନ ଶିବରରେ ବ୍ଲଡ ବ୍ୟାଙ୍କ ରେଡକ୍ରସ ସୋସାଇଟି, କଟକର ଷ୍ଟାଫ୍ ମାନେ ୧୦୬ (ଏକ ଶହ ଛଅ) ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ସ୍ଥାନୀୟ ବିଭିନ୍ନ ଶିକ୍ଷାନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବନ୍ଦର ବ୍ୟବହାରକାରୀ ସଂସ୍ଥାଙ୍କ ସମେତ ଏକାଧିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉକ୍ତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ଉକ୍ତ ରକ୍ତଦାନ ଶିବିରକୁ ସଫଳ କରିବାରେ ପ୍ରମୁଖ ଭୂମିକା ନିଭାଇ ଥିଲେ ବୃଷଭ ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ଗଙ୍ଗାଧର ସେଠୀ, ସମ୍ପାଦକ ପ୍ରଶାନ୍ତ କୁମାର ମହରଣା, ଟ୍ରଷ୍ଟର କାର୍ଯ୍ୟକାରୀ କମିଟି ସଦସ୍ୟ ଯାମିନୀକାନ୍ତ ମହାନ୍ତି, ସଂଗ୍ରାମ କେଶରୀ ସାମଲ, ସହ-ସମ୍ପାଦକ ସ୍ମୃତି ରଞ୍ଜନ ମହାନ୍ତି,କୋଷାଧ୍ୟକ୍ଷ ନିର୍ମଳ ବେହେରା, ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଲୋକନାଥ ମହାପାତ୍ର, ନିର୍ମଳ ଚନ୍ଦ୍ର ଦାସ,ସନ୍ତୋଷ କୁମାର ସାହୁ, ସମୀର ମହାପାତ୍ର, ତପନ କୁମାର ପାତ୍ର, ମନୋଜ କୁମାର ସାହୁ, କାହ୍ନୁ ମଣ୍ଡଳ, ଆଲୋକ କୁମାର ମହାପାତ୍ର, ଗୋପବନ୍ଧୁ ନାୟକ, ବିଦ୍ୟାଧର ସ୍ୱାଇଁ,ରଶ୍ମୀ ରଞ୍ଜନ ସ୍ୱାଇଁ, ରଞ୍ଜନ କୁମାର ଭୂୟାଁ,ପ୍ରବୀର କୁମାର ଖୁଟିଂଆ ଏବଂ ଅନ୍ୟମାନେ ।

ବନ୍ଦର ପ୍ରଶାସନ ପକ୍ଷରୁ 'ବିଶ୍ୱ ସାମୁଦ୍ରିକ ଦିବସ' ପାଳିତ

ପାରାଦୀପ, ୨୮/୯(ନି.ପ୍ର): "ସବୁଜ ପରିବହନ ପାଇଁ ନୂତନ ଟେକ୍ନୋଲୋଜି '' ଥିମ୍ ନେଇ ପାରାଦୀପ ବନ୍ଦର ପକ୍ଷରୁ ୪୫ତମ ବିଶ୍ୱ ସାମୁଦ୍ରିକ ଦିବସ ବୁଧବାର ପାଳିତ ହୋଇ ଯାଇଛି । ଏକ ସ୍ଥାୟୀ ଭବିଷ୍ୟତ ସବୁଜ ପରିବର୍ତ୍ତନକୁ ସମର୍ଥନ କରିବାର ଆବଶ୍ୟକତାକୁ ସାମୁଦ୍ରିକ କ୍ଷେତ୍ର ପ୍ରତିଫଳିତ କରିଥାଏ, ଯାହା କାହାକୁ ବି ଛାଡି ନ ଥାଏ । ଜାତୀୟ ସାମୁଦ୍ରିକ ଦିବସ ପରି ବିଶ୍ୱ ସାମୁଦ୍ରିକ ଦିବସ ପାଳନ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ତାରିଖ ଉଦ୍ଦିଷ୍ଟ ନାହିଁ । କିନ୍ତୁ ଏହି ଦିବସ ପ୍ରତିବର୍ଷ ସାଧାରଣତଃ ସେପ୍ଟେମ୍ବର ମାସର ଶେଷ ସପ୍ତାହରେ ପାଳନ କରାଯାଇଥାଏ । ସେପ୍ଟେମ୍ବର ଶେଷ ସପ୍ତାହରେ ତଥା ଡିଜି ସିପିଂ ସରକାରୀ ଉତ୍ସବ ପାଇଁ ଉପଯୁକ୍ତ ତାରିଖ ସ୍ଥିର କରିବା ବ୍ୟକ୍ତିଗତ ଭାବେ ସରକାରଙ୍କ ଉପରେ ନିର୍ଭର କରେ । ଭାରତ ଏହି ବର୍ଷ ପାଇଁ ୨୮ ସେପ୍ଟେମ୍ବର/ ୨୦୨୨ରେ ବିଶ୍ୱ ସାମୁଦ୍ରିକ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଛି । ଏହି ପରିପ୍ରେକ୍ଷୀରେ ବନ୍ଦର ନିଷିଦ୍ଧାଞ୍ଚଳସ୍ଥିତ ମେରାଇନ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ପୂର୍ବାହ୍ନରେ ବନ୍ଦରର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ଗହଣରେ ପାରାଦୀପ ବନ୍ଦରର ଉପ ସଂରକ୍ଷକ (ଡେପୁଟି କଞ୍ଜରଭେଟର) କ୍ୟାପଟେନ୍ ଅଲେଖ ଚନ୍ଦ୍ର ସାହୁ ବିଶ୍ୱ ସାମୁଦ୍ରିକ ଦିବସ ପତାକା ଉତୋଳନ କରିଥିବା ବେଳେ ଓଡିଶା ମେରି ଟାଇମ ଏକାଡେମୀର ଛାତ୍ର ମାନଙ୍କୁ ନେଇ ବନ୍ଦରାଞ୍ଚଳରେ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ସେହିଭଳି ମଧୁବନସ୍ଥିତ ଅଫିସର୍ସ କ୍ଲବ ସମ୍ମିଳନୀ କକ୍ଷରେ ସଂଧ୍ୟାରେ ଆୟୋଜିତ ଆଲୋଚନା ଚକ୍ରରେ ଓଡିଶା ମେରିଟାଇମ ଏକାଡେମୀର ପ୍ରିନ୍ସିପାଲ ମାନସ ବେଉରିଆ ଓ ପାରାଦୀପ ବନ୍ଦରର ସାମୁଦ୍ରିକ ଯନ୍ତ୍ରୀ ବବୁଲ୍ ସିକଦାର "ସବୁଜ ପରିବହନ ପାଇଁ ନୂତନ ଟେକ୍ନୋଲୋଜି'' ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ ।

ଆନ୍ତର୍ଜାତିକ ଗର୍ଭପାତ ଦିବସ

ବାଲେଶ୍ୱର,୨୮/୯(ନି.ପ୍ର): ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନ୍ତର୍ଜାତିକ ସୁରକ୍ଷିତ ଗର୍ଭପାତ ଦିବସ ମୁଖ୍ୟ ଚିକିତ୍ସାଳୟ ତାଲିମ ପ୍ରକୋଷ୍ଠରେ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ ସେନ ଜଗଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଏଡିଏମଓ ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ ଅସୁରକ୍ଷିତ ଗର୍ଭପାତ ଦ୍ୱାରା ମାତୃମୃତ୍ୟୁ ଆଶଙ୍କା ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଅନୁ କୁମାର ଘୋଷ ସୁରକ୍ଷିତ ଗର୍ଭପାତ ଓ ଏଥି ନିମନ୍ତେ ଥିବା ଆଇନ ସମ୍ପର୍କରେ ଆଲୋଚନା କରଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼ି ପି ଏଚ ଓ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଡି ପି ଏମ ଅନିଲ କୁମାର ମହାନ୍ତି ଏହି ସଭାରେ ଭାଗ ନେଇଥିଲେ। ଏହି ଅବସରରେ ସୁରକ୍ଷିତ ଗର୍ଭପାତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ତିନି ଜଣ ଆଶା କର୍ମୀଙ୍କୁ ଜିଲ୍ଲା ପ୍ରସାଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ରମଣୀ କାନ୍ତ ଭଞ୍ଜ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ରାଜ୍ୟରେ ନୂଆ ୨୦୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮/୯(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୦୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୩୭୦୭ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୨୦୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୧୯ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୮୯ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୨୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୨୦୪ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୩୦୩୫ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୪୨୭ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୦୮ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୧୪, ବରଗଡ଼ ଜିଲ୍ଲାରେ ୩, ଭଦ୍ରକ ଜିଲ୍ଲାରେ ୨, ବଲାଙ୍ଗିର ଜିଲ୍ଲାରେ ୮, କଟକ ଜିଲ୍ଲାରେ ୨୭, ଦେବଗଡ଼ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୬, ଗଞ୍ଜାମ ଜିଲ୍ଲାରେ ୩, ଜଗତସିଂହପୁର ଜିଲ୍ଲାରେ ୫, ଯାଜପୁର ଜିଲ୍ଲାରେ ୨, କଳାହାଣ୍ଡି ଜିଲ୍ଲାରେ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

୫ ବର୍ଷ ପାଇଁ ବ୍ୟାନ ହେଲା....

ଗୃହ ମନ୍ତ୍ରଣାଳୟକ ପକ୍ଷରୁ କୁହାଯାଇଛି । ସମାଜର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପ୍ରତି ଉଗ୍ର ହୋଇ ସେମାନେ କାର୍ଯ୍ୟ କରୁଥିଲେ । ହତ୍ୟା, ଦଙ୍ଗା ଭଳି ଅପରାଧିକ କାର୍ଯ୍ୟରେ ପିଏଫଆଇ କର୍ମକତାମାନେ ଜଡିତ ଥିଲେ ଏବଂ ଦେଶର ସମ୍ବିଧାନକୁ ସମ୍ମାନ ଦେଉନଥିଲେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ସବୁଠୁ ବଡ କଥା ହେଉଛି ଚଢାଉ ବେଳେ ସେମାନଙ୍କ ଠାରୁ କିପରି ସହଜରେ ବଜାରରେ ମିଳୁଥିବା ଜନିଷର ବ୍ୟବହାର କରି ବୋମା ତଥା ଆଇଇଡି ବନାଇପାରିବେ ତାହା ଉପରେ ଲେଖାଥିବା ଏକ ପୁସ୍ତକ ଏବଂ ଆଇଏସ୍‌ଆଇଏସର ଦସ୍ତାବିଜ୍ ମଧ୍ୟ ଜବତ ହୋଇଛି । ପୂର୍ବରୁ କର୍ଣ୍ଣାଟକ, ଗୁଜରାଟ, ଉତ୍ତରପ୍ରଦେଶ ପିଏଫଆଇକୁ ବ୍ୟାନ କରିବାକୁ ସୁପାରିଶ କରିଥିଲେ । ତେବେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପାଖରେ ଥିବା ତଥ୍ୟ ଏବଂ ପ୍ରମାଣ ଆଧାରରେ ଏହାକୁ ବ୍ୟାନ କରାଯାଇଥିବା କହିଛନ୍ତି ଗୃହ ରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ର ଟେନି । ରାଜ୍ୟ ପୋଲିସ ସହାୟତାରେ ଗତ ପ୍ରଥମେ ସେପ୍ଟମ୍ବେର ୨୨ ତାରିଖରେ ୧୫ଟି ରାଜ୍ୟରେ ଥିବା ପିଏଫଆଇ ଅଫିସ୍, ନେତା ଏବଂ କର୍ମକର୍ତାଙ୍କ ଘରେ ଚଢାଉ କରିଥିଲା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏନଆଇଏ ଓ ଇଡି । ଏହାପରେ ସୋମବାର ପୁଣି ଚଢାଉ କରାଯାଇଥିଲା । ତେବେ ପିଏଫଆଇ ବ୍ୟାନ ହେବା ପରେ ଆରଏସଏସକୁ ବ୍ୟାନ କରିବାକୁ ଦାବି କରିଛନ୍ତି ସିପିଆଇଏମ ଏବଂ କଂଗ୍ରେସ ।

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ....

ନିର୍ବାଚନ ମଣ୍ଡଳୀର ୩୦ଟି ଗ୍ରାମ ପଂଚାୟତରେ ବସବାସ କରୁଥିବା ୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକମାନେ ପ୍ରଭାବିତ ହେଉଛନ୍ତି । ଜନବସତି ଅଂଚଳ ଓ ଚାଷ ଜମି ବିଶେଷ ଭାବେ ପ୍ରଭାବିତ ହେଉଛି । ପ୍ରତି ବର୍ଷ ଏହି ଅଂଚଳର ଲୋକମାନେ ବନ୍ୟା ଭଳି ପରିସ୍ଥିତି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୂର୍ବୋଦୟ' କଳ୍ପନାରେ ୬ ଲେନ୍ ବିଶିଷ୍ଟ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ୮ ଲେନରେ ପରିଣତ ହେବାକୁ ଯାଉଛି ଏବଂ ଏହି ସଡ଼କ ପଥର ସମ୍ପ୍ରସାରଣ ହେବା ଦ୍ୱାରା ଯାତାୟତ ସୁଗମ ହେବା ସହ ଅର୍ଥନୈତିକ କୋରିଡରକୁ ମଧ୍ୟ ଗତି ଦେବ । ଉକ୍ତ ବ୍ରିଜର ସମ୍ପ୍ରସାରଣ ନେଇ ଅନୁଧ୍ୟାନ କରିବା ସହ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ବିଭାଗୀୟ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ଏଥିପାଇଁ ମନ୍ତ୍ରୀ ଗଡକରୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।

ଛାତ୍ର କଂଗ୍ରେସ ପକ୍ଷରୁ ଗଣଶିକ୍ଷାମନ୍ତ୍ରୀଙ୍କ ବାସଭବନକୁ ଅଣ୍ଡା ଟମାଟୋ ମାଡ

୨୮/୯(ନି.ପ୍ର): ପୁରୀ ଜିଲ୍ଲା ଗୋପ ବ୍ଲକ୍ ୧୧ ନଂ ଜିଲ୍ଲା ପରିଷଦ ଜୋନ୍ ସଭ୍ୟ ତଥା ବିଜେଡି ନେତା ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣାରେ ମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗରେ ଛାତ୍ର କଂଗ୍ରେସ ପ୍ରତିବାଦ କରିଛି। ବୁଧବାର ଦିନ ଛାତ୍ର କଂଗ୍ରେସ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ୟୁନିଟ୍ ୧ ସ୍ଥିତ ବାସଭବନ ଘେରାଉ କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ୟାସିର ନଓ୍ୱାଜଙ୍କ ନେତୃତ୍ୱରେ ବହୁ ସଂଖ୍ୟରେ କର୍ମକର୍ତା ଫରେଷ୍ଟ ପାର୍କରୁ ଏକ ଶୋଭାଯାତ୍ରାରେ ବାହାରି ମନ୍ତ୍ରୀଙ୍କ ବାସଭବନରେ ପହଂଚିବା ପରେ ମନ୍ତ୍ରୀଙ୍କୁ ଗିରଫ ଓ ଇସ୍ତଫା ଦାବି କରି ନାରାବାଜି କରିଥିଲେ। ଏପରିକି ମନ୍ତ୍ରୀଙ୍କ ଘର ଉପରକୁ ଅଣ୍ଡା ଓ ଟମାଟୋ ମାଡ଼ କରିଛନ୍ତି ଛାତ୍ର କଂଗ୍ରେସ କର୍ମୀ। ବାସଭବନକୁ ଧସେଇ ପଶିବା ବେଳେ ପୋଲିସ ସହ ଧସ୍ତାଧସ୍ତି ପରିସ୍ଥିତି ବି ଉପୁଜିଥିଲା। ଫଳରେ ମନ୍ତ୍ରୀଙ୍କ ବାସଭବନ ସମ୍ମୁଖ ରଣକ୍ଷେତ୍ର ପାଲଟିଥିଲା। ପୋଲିସ୍ ବହୁ ବିକ୍ଷୋଭକାରୀଙ୍କୁ ଅଟକ ରଖିଛି। ଆସନ୍ତା ୭ ଦିନ ମଧ୍ୟରେ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନକୁ ଅଧିକ ଜୋରଦାର କରାଯିବା ସହ ନବୀନ ନିବାସ ଘେରାଉ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଛାତ୍ର କଂଗ୍ରେସ କହିଛି ଯେ ପ୍ରଥମେ ମନ୍ତ୍ରୀ ସମୀର ଦାଶ ଇସ୍ତଫା ଦିଅନ୍ତୁ। ଏହାପରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କାରଣ ସମୀର ଦାଶ ମନ୍ତ୍ରୀପଦରେ ଥିବା ପର୍ଯ୍ୟନ୍ତ ଉଚିତ ତଦନ୍ତ ହୋଇପାରିବନି। ଗଣଶିକ୍ଷା ମନ୍ତ୍ରୀଙ୍କ ଏପରି କାଣ୍ଡର କୁପ୍ରଭାବ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ପଡ଼ିବ। ତେଣୁ ତୁରନ୍ତ ତାଙ୍କୁ ବହିଷ୍କାର କରାଯାଉ। ସୂଚନାଯୋଗ୍ୟ ଯେ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁକୁ ନେଇ ଆରମ୍ଭରୁ ମନ୍ତ୍ରୀ ସମୀର ଦାଶଙ୍କ ନାଁ ସାମ୍ନାକୁ ଆସିଛି। ଏହାରି ମଧ୍ୟରେ ଗତକାଲି ଧର୍ମେନ୍ଦ୍ରଙ୍କ ଏକ ଅଡିଓ ଭାଇରାଲ ହୋଇଛି। ଉକ୍ତ ଅଡିଓରେ ଧର୍ମେନ୍ଦ୍ର ସାହୁ ନିଜର ଜଣେ ବନ୍ଧୁଙ୍କ ସହ କଥା ହେବା ବେଳେ ମନ୍ତ୍ରୀ ସମୀର ଦାଶ ତାଙ୍କୁ ବହୁତ ମାନସିକ ନିର୍ଯାତନା ଦେଉଥିବା କହୁଥିବା ଶୁଣିବାକୁ ମିଳୁଛି। ଏପରିକି ଆତ୍ମହତ୍ୟା କଲେ ଏହା ପଛରେ ସମୀର ଦାଶ ଦାୟୀ ବୋଲି ସ୍ପଷ୍ଟ ଭାବ କହୁଛନ୍ତି। ଏହାବାଦ ଧର୍ମେନ୍ଦ୍ର ସାହୁ ନିଜ ପତ୍ନୀ , ଶ୍ୱଶୂର ଓ ଜଣେ କଂଟ୍ରାକ୍ଟରଙ୍କ ନାଁ ମଧ୍ୟ ନେଇଛନ୍ତି।

ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୃକ୍ଷରୋପଣ

ବାଲେଶ୍ୱର,୨୮/୯(ନି.ପ୍ର): ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର କୁରୁଡ଼ା ଶାଖା କମିଟି ପକ୍ଷରୁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କ ସହଯୋଗରେ ବୁଧବାର ଦିନ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀ

ଗୁରୁବାର, ସେପ୍ଟେମ୍ବର ୨୯, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଓଡ଼ିଶା ପତ୍ରକାର ସଂଘର ୧୩ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୮/୯(ନି.ପ୍ର): ଗଣତନ୍ତ୍ର ଗଣମାଧ୍ୟମର ସ୍ୱର ହୋଇ କାର୍ଯ୍ୟ କଲେ ସମାଜ, ରାଜ୍ୟ ତଥା ରାଷ୍ଟ୍ର ଗଠନରେ ବେଶ୍ ସହାୟକ ହେବ ବୋଲି ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁପଲତି ପ୍ରଫେସର ଡ. କୁମରବର ଦାସ କହିଛନ୍ତି । ବୁଧବାର ଦିନ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଓଡ଼ିଶା ପତ୍ରକାର ସଂଘର ୧୩ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଡ. ଦାସ ନାଗରିକ ଅଧିକାର କିଭଳି ଏବେ ଦୟାର ପାତ୍ର, ରାଜନୈତିକ ନେତୃବୃନ୍ଦ କରିଛନ୍ତି ତାହା ଉପରେ ସେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ ଯୋଗଦେଇ ଖବରକାଗଜ ଦେଶର ଆଖି, କାନ, ନାକ ବୋଲି କହିଥିଲେ । ତେଣୁ ଏକତା ରହିଲେ ସାମ୍ବାଦିକ ଓ ସମ୍ବାଦପତ୍ର ଦେଶ ଗଠନରେ ବେଶ୍ ସହାୟକ ହେବ । ସାମ୍ବାଦିକ ସଂଘର ଦାବି ଯୁକ୍ତିଯୁକ୍ତ, ଯାହା ସରକାର ଶୁଣିବା ଆବଶ୍ୟକ ବୋଲି ଡ. ଢାଲୀ କହିଥିଲେ । ଏଥିସହିତ ସାମ୍ବାଦିକଙ୍କ ବୀମା ବୃଦ୍ଧି କରିବା କ୍ଷେତ୍ରରେ ସରକାର ଯତ୍ନବାନ ହେବା ଦରକାର ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ସାମ୍ବାଦିକ ଓ ସମ୍ବାଦପତ୍ର ଉପରେ ଚାଲିଥିବା ଆକ୍ରମଣ ଉପରେ ଆଲୋକପାତ କରିଥିଲେ । ଏବେ ୪୦୦ରୁ ଉର୍ଦ୍ଧ୍ୱ ସାମାଜିକ ଗଣମାଧ୍ୟମକୁ ସରକାର ବନ୍ଦ କରିବାକୁ ଅପଚେଷ୍ଟା କରୁଛନ୍ତି । ତାହା କଦାପି ସଫଳ ହେବ ନାହିଁ । ସାମ୍ବାଦିକ ସବୁବେଳେ ସମାଜର ତଳସ୍ତରର ଲୋକଙ୍କ କଥା ଉଠାଇ ସଚେତନ କରିଥାଏ । ସାମ୍ବାଦିକଙ୍କ ଉପରେ ଆକ୍ରମଣ ବଢି ଚାଲିଥିବା ବେଳେ ସମ୍ବାଦପତ୍ରର କଣ୍ଠରୋଧ କରାଯିବା କଥାକୁ ସେ ନିନ୍ଦା କରିଥିଲେ । ଏହି କାର୍ଯ୍ୟକ୍ରମରେ ପତ୍ରକାର ସଂଘର ରାଜ୍ୟ ସଭାପତି ଅବିନାଶ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟତମ ଅତିଥି ଭାବେ କର୍ପୋରେଟର ଅମରେଶ ଜେନା, ଶିକ୍ଷାବିତ ଡ. ଭି ରାଜେନ୍ଦ୍ର ରାଜୁ ଅତିଥି ଭାବେ ଯୋଗଦେଇ ସାମ୍ବାଦିକ ଓ ସମ୍ବାଦପତ୍ରର ସ୍ଥିତି ଉପରେ ଆଲୋକପାତ କରିଥିଲେ ।

ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ମହାନତା : ଦୁର୍ଘଟଣାଗ୍ରସ୍ତ ଶିକ୍ଷୟତ୍ରୀଙ୍କୁ ନିଜ ଗାଡିରେ ପଠାଇଲେ ହସ୍‌ପିଟାଲ

ଜଳେଶ୍ୱର ୨୮/୯(ନି.ପ୍ର): ଆଜି ମଧ୍ୟାହ୍ନରେ ବାଲେଶ୍ୱର ଜିଲାର ଅତିରିକ୍ତ ଶିକ୍ଷାଧିକାରୀ ଜଳେଶ୍ୱର ଗସ୍ତରେ ଆସିଥିଲେ । ଖୁଲୁଡାସ୍ଥିତ ଶୀତଳାମାତା ଉଚ୍ଚ ବିଦ୍ୟାଳୟରେ ହେଉଥିବା 'ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ'ରେ ଯୋଗ ଦେବାଲାଗି ବିଆର୍‌ସିସି ସୁଶାନ୍ତ ଜେନାଙ୍କ ସହିତ ସେ ଗଲାବେଳେ ବର୍ତ୍ତନା ମଠ ନିକଟ ରାସ୍ତା ଉପାରେ ଦୁର୍ଘଟଣାଗ୍ରସ୍ତ ଶିକ୍ଷୟତ୍ରୀଙ୍କୁ ଦେଖି ଅଟକିଥିଲେ । ଶିକ୍ଷୟତ୍ରୀ ଜଣଙ୍କୁ ଗୁରୁତର ଅବସ୍ଥା ଦେଖି ନିଜ ଗାଡିରୁ ଓହ୍ଲାଇ ତୁରନ୍ତ ତାଙ୍କୁ ନିଜ କାର୍‌ରେ ବସାଇ ଚିକିତ୍ସାଲାଗି ଜିକେଭଙ୍ଗର ହସ୍‌ପିଟାଲକୁ ପଠାଇଥିଲେ । ସେ ନିଜେ ଅନ୍ୟଏକ ମଟର ସାଇକେଲରେ ଲିଫ୍ଟ ଯାଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅତିରିକ୍ତ ଶିକ୍ଷାଧିକାରୀଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରସଂସା କରାଯାଇଛି । ସୂଚନାଯୋଗ୍ୟ ଆରୁହା ୟୁଜିଏମ୍‌ଇ ବିଦ୍ୟାଳୟର ଶିକ୍ଷୟତ୍ରୀ ପୂଜା ପରିଡା ନିଜ ସ୍କୁଟିରେ ଗଲାବେଳେ ଏକ ମାଙ୍କଡ ତାଙ୍କ ଉପରକୁ ଡିଆଁ ମାରିବାରୁ ଏପରି ଦୁର୍ଘଟଣାର ଶୀକାର ହୋଇଥିବା ଜଣାଯାଇଛି ।

ନିମାପଡ଼ାର ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିବ ବିଜେପି

ଭୁବନେଶ୍ୱର, ୨୮/୯ (ନି.ପ୍ର): ପୁରୀ ଜିଲ୍ଲାର ଜିଲ୍ଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁ ମୃତ୍ୟୁ ମାମଲାରେ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ପାଇଁ ଅଡୁଆ ବଢିବାରେ ଲାଗିଛି । ନିମାପଡ଼ାର ବିଭିନ୍ନ ସ୍ଥାନରେ ରାସ୍ତା ବିଜେପି ଅବରୋଧ କରିବ ବୋଲି ଦଳ ପକ୍ଷରୁ ସୂଚନା ଦିଆ ଯାଇଛି । ରାଜ୍ୟ ବିଜେପି ଉପ ସଭାନେତ୍ରୀ ପ୍ରଭାତୀ ପରିଡା ମନ୍ତ୍ରୀଙ୍କୁ ଗିରଫ କରା ନଗଲେ ଜୋରଦାର ହେବ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ।

ବସ୍ତା ବିବେକାନନ୍ଦରେ ବିଜ୍ଞାନ ମେଳା ଉଦ୍‌ଯାପିତ

ବସ୍ତା, ୨୮/୯(ନି.ପ୍ର): ବସ୍ତା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ଏକ ଦିବସୀୟ ବିଜ୍ଞାନ ମେଳା ବୁଧବାର ଅପରାହ୍ନ ରେ ଉଦଯାପିତ ହୋଇ ଯାଉଅଛି । ସକାଳେ ଏହି କାର୍ଯ୍ୟକ୍ରମ କୁ ଶମ୍ଭୁନାଥ ହାଇସ୍କୁଲ ର ପୂର୍ବତନ ପ୍ରଧାନଶିକ୍ଷକ ଗଗନ ବିହାରୀ ଜେନା ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ । ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରକଳ୍ପ କୁ ବିଚାରକ ଅରବିନ୍ଦ ପାତ୍ର ଓ ଶ୍ରୀମତୀ ଆଶାଲତା ସାହୁ ପରିଦର୍ଶନ କରିଥିଲେ ।ପୁରସ୍କାର ବିତରଣୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ ର ସମ୍ପାଦକ ଯୋଗେନ୍ଦ୍ର ଦାଶ,ଶ୍ୟାମାପ୍ରସାଦ ବେହେରା, ସୁରଜ ବାରିକ, ସୁଧାଂଶୁ କୁମାର ମିଞ୍ଜ, ପ୍ରଦୀପ କୁମାର ପରିଡା, ମାନଗୋବିନ୍ଦ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିବା ସହ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ପ୍ରଧାନାଚାର୍ଯ୍ୟ ଶ୍ରୀପତି ପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠି ତ ଏହି ଉତ୍ସବରେ ବିବରଣୀ ପାଠ କରିଥିଲେ ରଞ୍ଜିତା ପାଢୀ, ଅତିଥି ପରିଚୟ କରିଥିଲେ ନମିତା ଦାସ, ଧନ୍ୟବାଦ ଅର୍ପଣ କରିଥିଲେ ସୁଚିସ୍ମିତା ସାହୁ ।କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହଯୋଗ କରିଥିଲେ ପ୍ରଶାନ୍ତ ଗିରି ଓ ସରୋଜ ପାତ୍ର । ପୁରସ୍କୃତ ହୋଇଥିବା ଛାତ୍ରଛାତ୍ରୀ ହେଲେ ସାଗର ଭୋଳ, ଦେବାଶିଷ ରାମ, ହିତେଶ ଯେନା ଓ ନୁପୁର ଦେବ ।

ରାଜଧାନୀରେ ୨୩ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୨୮/୯(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ବୁଧବାର ମୋଟ ୨୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୨୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୮୩୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୧ ଲକ୍ଷ ୬୪ ହଜାର ୦୭୪ ଜଣ ସୁସ୍ଥ ହୋଇଛନ୍ତି । ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁହୋଇଥିବା ବେଳେ ୫୪୫ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଗତକାଲି ଭୁବନେଶ୍ୱରରେ ୧୬ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

ତାଲିମ ଶିବିରର ଉଦ୍‌ଯାପନୀ ଉତ୍ସବରେ ଅତିଥି ହେଲେ ସ୍ୱାଧିନତା ସଂଗ୍ରାମୀ ବିଶମ୍ଭର ମହାପାତ୍ର

ଉଦଳା, ୨୮/୯(ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଜନଜାଗୃତି ମଞ୍ଚ' ତରଫରୁ ଖୁଣ୍ଟାସ୍ଥିତ କଲ୍ୟାଣ ଉପୁପ ପରିସରରେ ଚଳିତ ସେପ୍ଟେମ୍ବର ୨୬ ଓ ୨୭ ତାରିଖ ସୋମବାର, ମଙ୍ଗଳବାର ଦୁଇଦିନ ଧରି 'ସ୍ୱେଚ୍ଛାସେବୀ ତାଲିମ ଶିବିର' ଅନୁଷ୍ଠିତ ହୋଇ ଯାଇଛି । ପ୍ରଶିକ୍ଷକ ଭାବରେ ଓଡ଼ିଶା ଶ୍ରମଜୀବି ମଞ୍ଚ ଭୁବନେଶ୍ୱରରୁ ଆସିଥିବା ସାମାଜିକ କର୍ମୀ ପଞ୍ଚାନନ ପ୍ରଧାନ, ଜନଜାଗୃତି ମଞ୍ଚର ଟିମ ଲିଡ଼ର ଜଦାଧର ଦାଶ, ଗୌତମ ମହାପାତ୍ର ଓ ସୁବ୍ରତ କୁମାର ମହାନ୍ତି, ମନରେଗା, ବିଜୁ ସ୍ୱାସ୍ଥ୍ୟ କାର୍ଡ଼, ଗୁଣାତ୍ମକ ଶିକ୍ଷା, ସାମାଜିକ ଗଣମାଧ୍ୟମର ଉପଯୋଗ ବିଷୟରେ ତାଲିମ ପ୍ରଦାନ କରିଥିଲେ । ଗୋପବନ୍ଧୁନଗର ଓ ଖୁଣ୍ଟା ବ୍ଲକରୁ ମୋଟ ୩୫ ଜଣ ଭାଇ ଭଉଣୀ ଉକ୍ତ ଶିବିରରେ ତାଲିମ ନେଇଛନ୍ତି । ଆଗାମୀ ଦିନରେ ସମଗ୍ର ଓଡ଼ିଶାରେ ୧୦ ହଜାର ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ ସହିତ ବିଭିନ୍ନ ଗଠନ ମୂଳକ କାର୍ଯ୍ୟରେ ନିୟୋଜିତ କରାଯିବାର ଯୋଜନା ରହିଛି ବୋଲି ମଞ୍ଚ ତରଫରୁ କୁହାଯାଇଛି । ଶିବିରର ଉଦ୍‌ଯାପନୀ ଉତ୍ସବରେ ସ୍ୱାଧିନତା ସଂଗ୍ରାମୀ ବିଶ୍ୱମ୍ଭର ମହାପାତ୍ର ଅତିଥି ଭାବରେ ଯୋଗ ଦେଇ ଶିବିରାର୍ଥି ମାନଙ୍କୁ 'ପ୍ରଶଂସା ପ୍ରମାଣପତ୍ର' ବଣ୍ଟନ କରିଥିଲେ । ପ୍ରକାଶ ଥାଉକି ବିଶ୍ୱମ୍ଭର ମହାପାତ୍ରଙ୍କୁ ବର୍ତ୍ତମାନ ବୟସ ୧୦୨ ବର୍ଷ ଛୁଇଁଲାଣି । ମହାତ୍ମାଗାନ୍ଧୀଙ୍କର ନିତି ଆଦର୍ଶରେ ଅନୁପ୍ରାଣିତ ଶ୍ରୀଯୁକ୍ତ ମହାପାତ୍ର ବର୍ତ୍ତମାନ ମଧ୍ୟ ଚାଲବୁଲ କରିବାରିବା ସହିତ ନିଜ କାମ ନିଜେ କରି ପାରୁଛନ୍ତି । 'କାମ ନକଲେ ଖାଇବା ବନ୍ଦ' ଓ 'ନିଜ କାମ ନିଜେ କର' ଗାନ୍ଧୀଙ୍କର ଏହି ଦୁଇଟି ବାଣୀକୁ ସେ ସାରା ଜୀବନ ଅକ୍ଷରେ ଅକ୍ଷରେ କାମରେ ଲଗାଇଛନ୍ତି । ତାଙ୍କର ଉପସ୍ଥିତି ଶିବିରାର୍ଥି ମାନଙ୍କୁ ଉତ୍ସାହିତ କରିଥିଲା । ରୁପାଏ ବାସ୍କେ, ରାମଚନ୍ଦ୍ର ସିଂ, ନିରୁପମା ଦାସ, ଆରତୀ ଖଣ୍ଡାପାତ୍ର ଓ ଭାରତୀ ଖଣ୍ଡାପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କଲେ କାଉନସିଲର

ବାରିପଦାତା, ୨୮/୯ (ନି.ପ୍ର): ବାରିପଦା ସହରର ୧ନଂ ୱାର୍ଡର ବେଲଗଡ଼ିଆ ସ୍ଥିତ ଭଂଜଭୂମି ଉଚ୍ଚ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କଲେ ୱାର୍ଡର କାଉନସିଲର ସୁକେଶିନୀ ସେଠି । ବିଦ୍ୟାଳୟ ପରିସରରେ ବିଶୁଦ୍ଧ ପାନୀୟ ଜଳର ଅସୁବିଧା ଜାଣି କାଉନସିଲର ଶ୍ରୀମତୀ ସେଠି ନିଜ ଉଦ୍ୟମରେ ଶାଶୁ କନକଲତା ସେଠି । ଶ୍ୱଶୁର ରଘୁନାଥ ସେଠିଙ୍କ ସ୍ମୃତିରେ ପାଣିଟାଙ୍କି ସହ ଏକ୍ୱାଗାର୍ଡର ବ୍ୟବସ୍ଥା କରିଛନ୍ତି ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଏହି ଜଳ ଯୋଗାଣ ବ୍ୟବସ୍ଥାର ଶୁଭ ଉଦଘାଟନ କରିବା ସହ କାଉନସିଲରଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି । ତତସହିତ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ସ୍ଥାନୀୟ ବାସିନ୍ଦା ମଧ୍ୟ କାଉନସିଲରଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରକାଶ ବେହେରା ସମେତ ସତ୍ୟନାରାୟଣ ଜୀ, ବେବେନ୍ଦ୍ର ନାଥ ଦେ, ଶିବ ମାଝୀ, ଶିବ ଶଙ୍କର ଦାସ, ଆଇନଜୀବି ଦୀପକ କୁମାର ମିଶ୍ର, ସମାଜସେବୀ ଅମର କୁମାର ସେଠି, ଶିକ୍ଷକ ସୋମନାଥ ସିଂହ, କ୍ଷୀରୋଦ ଭୂୟାଁ, ଭାଗବତୀ ଭୂୟାଁ, ନିବେଦିତା ବେହେରା, ଜୟସ୍ମିତା ମହାନ୍ତି, ସୁଜାତାରାଣୀ ସାହୁ, ତଥା ପ୍ରଧାନ ଶିକ୍ଷୟତ୍ରୀ ଅନିତା କୁଁଅର, ସହକାରୀ ଶିକ୍ଷକ କୃଷ୍ଣ ଚନ୍ଦ୍ର ବେହେରା, ସତ୍ୟ ବ୍ରତ ସିଂହ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

ସ୍ମୃତି ସାନ୍ତ୍ୱନା ତରଫରୁ କବି ତଥା କଳାକାର ବିଜୟ ବହଳୀ ସମ୍ବର୍ଦ୍ଧିତ

ଭଦ୍ରକ, ୨୮/୯(ନି.ପ୍ର): ରାଜଧାନୀ ଭୁବନେଶ୍ୱରସ୍ଥ ବୁଦ୍ଧ ମନ୍ଦିର ସଭାଗୃହରେ ସୁସାହିତ୍ୟିକା ସବିତା ରାଣୀ ବେହେରାଙ୍କ ଦ୍ୱାରା ସଂପାଦିତ ସ୍ମୃତି ସାନ୍ତ୍ୱନା ପତ୍ରିକା, ଭଦ୍ରକର ରାଜ୍ୟସ୍ତରୀୟ ଏକାଦଶତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି ।ଏହି ଉତ୍ସବରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ କଳାକାର, ସମାଜସେବୀ, କର୍ମକାଣ୍ଡବିତ କବି ବିଜୟ ବହଳୀଙ୍କୁ ଅନୁଷ୍ଠାନ ପକ୍ଷରୁ 'ପ୍ରଫେସର ଡ.ରମେଶ ଚନ୍ଦ୍ର ବେହେରା ସ୍ମୃତି ସାନ୍ତ୍ୱନା ପୁରସ୍କାର'ରେ ସମ୍ମାନ୍ନିତ କରାଯାଇଛି । ଏହି ସମ୍ମାନ ପ୍ରଦାନ କରିଥିଲେ ଓଡ଼ିଶା ଲେଖିକା ସଂସଦର ସଂପାଦିକା ଡ.ଶକୁନ୍ତଳା ବଳିଆର ସିଂ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଂପାଦିକା ସବିତା ରାଣୀ ବେହେରା,କବି ରକ୍ଷକ ନାୟକ, ଡ ସୁଷମା ମିଶ୍ର, କବି ହଳଧର ଧୀର, କବି ଯଶୋଧାରା ଦାସ, ସାହିତ୍ୟିକ ନୃପରାଜ ସାହୁ, ସମାରୋହର ସଂପାଦିକା ଶ୍ରୀମତୀ ଶୈଳରାଣୀ ମିଶ୍ର ପ୍ରମୁଖ ବିଶିଷ୍ଟ ଅତିଥିଗଣ ମଂଚରେ ଉପସ୍ଥିତ ଥିଲେ ।

ରାଧାନାଥ ସାହିତ୍ୟ ପରିଷଦ ପକ୍ଷରୁ କବିବର ଜୟନ୍ତୀ

ବାଲେଶ୍ୱର,୨୮/୯(ନି.ପ୍ର): କବିବରଙ୍କ ୧୭୫ତମ ଜୟନ୍ତୀ ତାଙ୍କ ବାସସ୍ଥଳ ଉପରେ ଗଢ଼ି ଉଠିଥିବା ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ 'ରେବତୀ'ର ସାଂପାଦିକା ତଥା ପରିଷଦର ସଭାପତି ସୁବାସିନୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏହାକୁ ଉଦଘାଟନ କରିବା ସହ କବିବରଙ୍କ ସ୍ମୃତି ଉଜ୍ଜୀବିତ ପାଇଁ ପ୍ରସ୍ତାବମାନ ପଠାଇଲେ ବିଭାଗ ପକ୍ଷରୁ ତାହାର ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଟମ କକାଙ୍କ କୁଟୀରର ଶାଣିତ ସ୍ୱର ଯେଭଳି ଆମେରିକାର ଦାସତ୍ୱ ଲୋପ କରିଥିଲା, ସେହିପରି ଓଡ଼ିଆ ସାହିତ୍ୟରେ ରାଧାନାଥ, ଦୀନକୃଷ୍ଣ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗଙ୍ଗାଧର ଓ ଫକୀରମୋହନଙ୍କ ଲେଖାର ଶାଣିତ ସ୍ୱର ସମାଜର ପରିବର୍ତ୍ତନର ଜାଗରଣ ସୃଷ୍ଟି କରିଛି ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ । ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ବିଶ୍ୱବିଦ୍ୟାଳୟରେ ରାଧାନାଥଙ୍କ ଚେୟାର ପ୍ରତିଷ୍ଠା ସହ ସାହିତ୍ୟ ସାରଣୀ ପାଇଁ ଦାବି ଉପସ୍ଥାପନ କରିଥିଲେ । ପୌରାଧ୍ୟକ୍ଷା ସବିତା ସାହୁ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ କାଳୀପଦ ପଣ୍ଡା ଓ ଅଧ୍ୟକ୍ଷା ଲାବଣ୍ୟ ମହାନ୍ତି ଏଥିରେ ଯୋଗଦେଇ କବିବରଙ୍କ ଉପରେ ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରଦାନ ଓ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ଦାବି କରିଥିଲେ । ଏହି ଅବସରରେ ପ୍ରଫେସର ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଶିରୀଶ ଚନ୍ଦ୍ର ଜେନା ଓ ମଣୀନ୍ଦ୍ର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ରାଧାନାଥ ଓ ଗଙ୍ଗାଧରଙ୍କ ଦାୟାଦ ଯଥାକ୍ରମେ ଶୁଭେନ୍ଦୁ କୁମାର ରାୟ ଓ ମଣୀନ୍ଦ୍ର ମେହେରଙ୍କ, 'ରାଧାନାଥଙ୍କ କବିତା' ଓ 'ରାଧାନାଥ ଓ ଗଙ୍ଗାଧର' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ପ୍ରଫେସର ମେହେର ରାଧାନାଥଙ୍କ ୧୭୫ ତମ ଜୟନ୍ତୀ ଓଡ଼ିଶା ସାରା ପାଳନ ଓ ତାଙ୍କ ବାସଗୃହକୁ ଜାତୀୟ ସଂପତ୍ତି ଭାବେ ଘୋଷଣା କରାଯିବାକୁ ଦାବି ଉଠାଇଥିଲେ । ସଂପାଦକ ଅଧ୍ୟାପକ କମଳାକାନ୍ତ ଦାଶ ପରିଷଦର ବିବରଣୀ ଉପସ୍ଥାପନ ସହ ରାଧାନାଥ ହଲ୍ ସଂପୂର୍ଣ୍ଣ କରିବା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ

ବାରିପଦା, ୨୮/୯(ନି.ପ୍ର): ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭଞ୍ଜପୁରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୨୬ଟି ଦଳ ଅଂଶଗ୍ରହଣ କରିଥିଲେ । ଜିଲ୍ଲାବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆର୍ଯ୍ୟଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଯୋଗଦେଇ ଶ୍ରେଷ୍ଠ ବିବେଚିତ ସରକାରୀ ଉଚ୍ଚ ବିଦ୍ୟାଳୟ, ହାଟବାଦରା ଦଳକୁ ପୁରସ୍କୃତ କରିଥିଲେ । ଶ୍ରେଷ୍ଠ ବିବେଚିତ ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ । ଏହି ଅବସରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟ, ପଦ୍ମପୋଖରୀ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ଦଳକୁ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥୀ ମଲ୍ଲିକ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶକୁନ୍ତଳା ବେହେରା, ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ, ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର ଓ ଭାରତୀ ବେହେରା ପ୍ରମୁଖ ଯୋଗଦେଇଥିଲେ, ବିଚାରକ ଭାବେ ଅନୁବାଳା ମହାନ୍ତି, ତପନ କୁମାର ବେହେରା, ସଞ୍ଜୀବ କୁମାର ଦଳେଇ ଯୋଗ ଦେଇଥିଲେ ।

ପାରାଦୀପ ପ୍ରେସ ମିଡିଆ ସଂଘର ବାର୍ଷିକୋତ୍ସବ ଓ ସମ୍ବର୍ଦ୍